Daily Odia Newspaper
SEITHO ARAMBHA
RNI No : ORIOR/2006/21585
Vol.: 20, Issue : 96
Tuesday, 9 June 2026
Balasore, Page : 8, ₹ 2/
ବାଲେଶ୍ୱର, ମଙ୍ଗଳବାର, ୯ ଜୁନ୍, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୋ
ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ବାରିପଦାକୁ ୪୩୦ କୋଟିର ପ୍ରକଳ୍ପ ଭେଟି

ଭୁବନେଶ୍ୱର, ୮/୬ (ଆ.ପ୍ର) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋମବାର ମୟୂରଭଞ୍ଜର ବାରିପଦା ସ୍ଥରେ ଯାଇ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜର ନୂତନ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ ହସ୍ପିଟାଲ ଉଦ୍‌ଘାଟନ କରିଛନ୍ତି । ଏହାସହ ୪୩୦.୨୬ କୋଟି ଟଙ୍କାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ଓ ଲୋକାର୍ପଣ ସ୍ଥାପନ ମଧ୍ୟ କରିଛନ୍ତି । ଶୁଭାରମ୍ଭ ଓ ଲୋକାର୍ପଣ ସ୍ଥାପିତ ହୋଇଥିବା ପ୍ରକଳ୍ପଗୁଡ଼ିକ ମଧ୍ୟରେ, ଗମନାଗମନ, ସ୍ୱାସ୍ଥ୍ୟ, ପାନୀୟ ଜଳ ଓ ଅନ୍ୟାନ୍ୟ ଜନକଲ୍ୟାଣକାରୀ କ୍ଷେତ୍ର ସହିତ ଜଡ଼ିତ ୩୯ଟି ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭାରମ୍ଭ ଓ ଲୋକାର୍ପଣ ସ୍ଥାପନ କରାଯାଇଛି । ୨୮୨ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୨୧ଟି ପ୍ରକଳ୍ପର ଲୋକାର୍ପଣ କରାଯାଇଛି । ୧୪୯ କୋଟିରୁ ଅଧିକ ଟଙ୍କା ମୂଲ୍ୟର ୧୮ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରାଯାଇଛି । ବିଶେଷ ଭାବେ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୮୩ଟି ପାନୀୟ ଜଳ ପ୍ରକଳ୍ପ ଆଜି ଉଦ୍‌ଘାଟିତ ହୋଇଛି, ଯାହା ଦ୍ୱାରା ଏହି ସବୁ ଅଂଚଳରେ ଦୀର୍ଘ ଦିନର ପାନୀୟ ଜଳ ସମସ୍ୟା ଦୂର ହେବ ଏବଂ ଜନସାଧାରଣଙ୍କ ଦୈନନ୍ଦିନ ଜୀବନରେ ବ୍ୟାପକ ସୁଧାର ଆସିବ । ପ୍ରାୟ ୨୫୮ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଆଧୁନିକ ୬୫୦ ଶଯ୍ୟା ବିଶିଷ୍ଟ ଟିଚିଙ୍ଗ୍ ହସ୍ପିଟାଲ ଭିତର ଓଡ଼ିଶାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ଭିତ୍ତିଭୂମି ପ୍ରକଳ୍ପମାନଙ୍କ

ମଧ୍ୟରୁ ଅନ୍ୟତମ । ଆଧୁନିକ ସୁବିଧା, ଉନ୍ନତ ନିଦାନ ସେବା, ବିଶେଷଜ୍ଞ ଚିକିତ୍ସା ବିଭାଗ, ଗୁରୁତର ଚିକିତ୍ସା ସୁବିଧା, ଜରୁରୀକାଳୀନ ସେବା ଏବଂ ଉନ୍ନତ ଶିକ୍ଷାଦାନ ଭିତ୍ତିଭୂମି ସହିତ ଏହି ହସ୍ପିଟାଲ ଅଂଚଳର ସ୍ୱାସ୍ଥ୍ୟସେବାକୁ ଅନେକ ଗୁଣରେ ଶକ୍ତିଶାଳୀ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ମୟୂରଭଞ୍ଜଜିଲ୍ଲା ଓ ଆଖପାଖ ଅଂଚଳରେ ବହୁ ସଂଖ୍ୟାରେ ଜନଜାତି ଲୋକ ଲୋକଶ୍ରୀ ବାସ କରୁଥିବାରୁ କମ୍ୟୁନିଟି ହେଲଥ୍, ମାତୃ ଓ ଶିଶୁ ସ୍ୱାସ୍ଥ୍ୟସେବା, ଜନସ୍ୱାସ୍ଥ୍ୟ ଗବେଷଣା ଏବଂ ଜନଜାତି ବର୍ଗଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା କ୍ଷେତ୍ରରେ ଏହି ମେଡିକାଲ କଲେଜ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ ଦୃଢ ଆଶା ବ୍ୟକ୍ତ କରିଛନ୍ତି । ରାଜ୍ୟ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ବିକାଶ ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆୟୁଷ୍ମାନ ଭାରତ- ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାରେ ରାଜ୍ୟର ୧.୩୦ କୋଟି ପରିବାରର ୩.୪୬ କୋଟି ବ୍ୟକ୍ତିଙ୍କୁ ଦେଶର ବିଭିନ୍ନ ନାମିଦାମୀ ସରକାରୀ ଓ ବେସରକାରୀ ହସ୍ପିଟାଲରେ ମାଗଣାରେ ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇ ଦିଆଯାଉଛି । ବର୍ତ୍ତମାନର ସରକାର ଆସିବାର ମାତ୍ର ୨୦ ମାସ ମଧ୍ୟରେ ଯାଜପୁର, ଲଙ୍ଗମାଳ ଓ ଡାଳଗେଡରେ ମୀଡି ନୂଆ ମେଡିକାଲ କଲେଜ କାର୍ଯ୍ୟକ୍ଷମ କରାଯାଇଛି । ଚଳିତ ବର୍ଷ ଫେବୁଆରୀ ମାସରେ ନବରଙ୍ଗପୁରରେ ମେଡିକାଲ କଲେଜ ସ୍ଥାପନ ପାଇଁ ଶୁଭ ଦିଆଯାଇଥିବା ବେଳେ ଖୁର୍ଦ୍ଦା, ଶ୍ରୀଗୁଡ଼ା, ବୋଲାଙ୍ଗିର, ଜଗତସିଂହପୁର ଓ ଭଦ୍ରକରେ ମଧ୍ୟ ମେଡିକାଲ କଲେଜ ସ୍ଥାପନ ହେବ । ସେହିପରି ଆୟୁଷ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ଗଜପତି, ମାଲକାନଗିରି, ଗାୟତ୍ରୀପୁରରେ ୩ଟି ନୂଆ ଆୟୁର୍ବେଦିକ ମେଡିକାଲ କଲେଜ ସହିତ ନୟାଗଡ ଓ ନୂଆପଡାରେ ୨ଟି ନୂଆ ହୋମିଓପାଥିକ ମେଡିକାଲ କଲେଜ ଖୋଲିବା ପାଇଁ ପଦକ୍ଷେପ ନିଆଯାଉଛି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରି ଡାକ୍ତରୀ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କ ସହିତ କଥା ହୋଇଥିଲେ । ସନାତନ ସଂସ୍କୃତିର 'ସେବା ହିଁ ପରମ ଧର୍ମ' ବାର୍ତ୍ତାକୁ ଦୋହରାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରକୃତ ଡାକ୍ତରୀ ଶିକ୍ଷା ହେଉଛି ବିଜ୍ଞାନ ଓ କାରୁଣ୍ୟର ଏକ ଅପୂର୍ବ ସମନ୍ୱୟ । ସମାଗୋଛରେ ଯୋଗ ଦେଇ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା କର୍ମଚାରୀ ରାଜ୍ୟ ବୀମା ବିଭାଗ ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା ଲାଗି କହିଛନ୍ତି ଯେ, 'ମୟୂରଭଞ୍ଜ ଜିଲ୍ଲାର ପ୍ରଗତି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ ସବୁବେଳେ ଚାରଖୋଲି ସାହାଯ୍ୟର ହାତ ବଢ଼େଇଛନ୍ତି । ରାଜନୀତି ଦୂରଦୃଷ୍ଟି ଓ ନିରନ୍ତର ସହଯୋଗ ଯୋଗୁଁ ହିଁ ଆଜି ମୟୂରଭଞ୍ଜ ବିକାଶର ଏକ ନୂତନ ଶିଖରରେ ପହଞ୍ଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂଅଗ୍ରୀୟ ବ୍ୟାପାର ଏବଂ ଲଲୋକ୍ଲୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟା

ତେଲ ଅଛି ଅଯଥାରେ ଗୁଜବ ପ୍ରଚାର କରନ୍ତୁ ନାହିଁ: ତୈଳ ମନ୍ତ୍ରୀ

ନୂଆଦିଲ୍ଲୀ, ୮/୬(ନ୍ୟୁ.ଏ): ଯୁଦ୍ଧବିରତି ଘୋଷଣାର ଏକ ମାସ ପରେ ପୁଣି ଥରେ ଇସ୍ରାଏଲ୍ ଓ ଇରାନ ମଧ୍ୟରେ ଉତେଜନା ଦେଖାଦେଇଥିବାରୁ ହର୍ମୁଜ ପ୍ରଣାଳୀ ଦେଇ ଜାହାଜ ଚଳାଚଳ ପୁଣି ପ୍ରଭାବିତ ହେବା ଆଶଙ୍କା କରାଯାଉଛି । ଆଉକୁ ତେଲ ଓ ଗ୍ୟାସ୍ ଯୋଗାଣ ପ୍ରଭାବିତ ହେବାକୁ ଯାଉଛି । ତେବେ ସାମୟିକ ସମୟ ପାଇଁ ପରିବହନରେ ବିଘ୍ନାତ ଦେଖାଦେଲେ ଭାରତ ବିଶେଷ ପ୍ରଭାବିତ ହେବ ନାହିଁ ବୋଲି ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂହ ପୁରୀ କହିଛନ୍ତି । ସେ କହିଛନ୍ତି ଯେ ଦେଶରେ ଯେତିକି ପରିମାଣର ତେଲ ରହିଛି ତାହା ୬୬-୮୦ ଦିନର ଆବଶ୍ୟକତା ପୂରଣ କରିପାରିବ । ସେହି ତେଲ ଷ୍ଟ୍ରାଟେଜିକ୍ ପେଟ୍ରୋଲିୟମ୍ ରିଜର୍ଭ, ବିଶୋଧନାଗାରଗୁଡ଼ିକର ଭଣ୍ଡାର ଓ ବାଣିଜ୍ୟିକ ଷ୍ଟକ୍ ଭାବେ ରହିଛି । ଏଣୁ ସାମୟିକ ଦିକ୍ତାଚରୁ ଭାରତ ପ୍ରତି ବିଶେଷ ବିପଦ ନଥିବା ସେ କହିଛନ୍ତି ।ଶ୍ରୀ ସିଂହ କହିଛନ୍ତି ଯେ ଭାରତ ଏବେ ବିକଳ୍ପ ଉତ୍ସରୁ ତେଲ ସଂଗ୍ରହ କରିବା ଉପରେ ଧ୍ୟାନ ଦେଉଛି । ମୋଟାମିଟିରୁ ଗ୍ୟାସ ଅଣାଯାଉଛି । ତେଲ ଦର ଅଧିକ ଦିନ ପାଇଁ ଉଚ୍ଚ ସ୍ତରରେ ରହିବା ଆଶଙ୍କା କମ୍ ବୋଲି ସେ କହିଛନ୍ତି । ପ୍ରାକୃତିକ ଗ୍ୟାସକୁ ନେଇ କୌଣସି ଚିନ୍ତା ନଥିବା ସେ କହିଛନ୍ତି । ମଧ୍ୟପ୍ରାଚ୍ୟ ବାହାରୁ ତେଲ ଓ ଗ୍ୟାସ୍ ମଗାଯାଉଥିବାରୁ ସାମୟିକ ସମୟ ପାଇଁ ହର୍ମୁଜ ପ୍ରଣାଳୀ ବନ୍ଦ ହେଲେ ଭାରତ ପ୍ରଭାବିତ ହେବ ନାହିଁ । ୩୦ ଦିନ ପାଇଁ ଏହି ପ୍ରଣାଳୀ

ବନ୍ଦ ରହିଲେ ଭାରତ ସ୍ଥିତିକୁ ସାମାଳିପାରିବ । ସେଭଳି କ୍ଷମତା ଏବେ ରହିଛି । ସଂସ୍ଥାଗୁଡ଼ିକ ଆରବ ଏମିରେଟ୍‌ସ (ୟୁଏଇ)ଠାରୁ ଭାରତ ଅତିରିକ୍ତ ଏଲ୍‌ପିଜି ଯୋଗାଣ ହାସଲ କରିପାରିଛି । ସାଧାରଣତଃ ଦୁଇ ମାସର ତେଲ ଓ ଗ୍ୟାସ୍ ଆବଶ୍ୟକତା ପୂରଣ କରିବା ଭଳି ଭଣ୍ଡାର ରଖିବା ଦରକାର । ଭାରତରେ ତାପାଳୁ ଅଧିକ ପରିମାଣର ଷ୍ଟକ୍ ରହିଛି । ସେଥିପାଇଁ ସାମୟିକ ଦିକ୍ତାଚରୁ ତେଲ ଭାରତ ବିଶେଷ ଚିନ୍ତା କରୁନାହିଁ । ତେବେ ସଙ୍କଟ ଦୀର୍ଘସ୍ଥାୟୀ ଲାଗି ରହିଲେ ଭାରତ ମୁକାବିଲା କରିବା ଏକ ଆହ୍ୱାନ ହୋଇରହିବ ବୋଲି ସେ କହିଛନ୍ତି । ଭାରତରେ ୨୪ଟି ତୈଳ ବିଶୋଧନାଗାର କାରଖାନା ରହିଛି । ସେଗୁଡ଼ିକର କ୍ଷମତା ନିୟମିତ ଭାବେ ବୃଦ୍ଧି କରାଯାଉଛି । ତେଲ ଦର କମ୍ ଥିବା ବେଳେ ଷ୍ଟ୍ରାଟେଜିକ୍? ପେଟ୍ରୋଲିୟମ୍ ରିଜର୍ଭକୁ ପୂରଣ କରିବା ପ୍ରତି ଭାରତ ଧ୍ୟାନ ଦେଇନଥିବା ଅଭିଯୋଗକୁ ଶ୍ରୀ ପୁରୀ ଖଣ୍ଡନ କରିଛନ୍ତି । ସେ କହିଛନ୍ତି ତେଲ ରହିତ ରଖିବାର ଏକ ପ୍ରକ୍ରିୟା ରହିଛି ।

ଇରାନ ଛାଡ଼ିବାକୁ ନାଗରିକଙ୍କୁ କହିଲା ଭାରତ

ନୂଆଦିଲ୍ଲୀ, ୮/୬(ନ୍ୟୁ.ଏ): ପଶ୍ଚିମ ଏସିଆରେ ପୁଣି ଥରେ ଭୟଙ୍କର ଯୁଦ୍ଧ ସ୍ଥିତି ଦେଖାଯାଇଛି । ସୋମବାର ଇରାନ ଓ ଇସ୍ରାଏଲ ପରସ୍ପର ଉପରେ ପୁଣି ଥରେ ଆକ୍ରମଣ କରିଛନ୍ତି । ମଧ୍ୟପ୍ରାଚ୍ୟରେ ସ୍ଥିତି ବିସ୍ଫୋରି ଥିବାରୁ ସୋମବାର ତେହେରାନରେ ଥିବା ଭାରତୀୟ ଦୂତାବାସ ଏକ ଜରୁରୀ ପରାମର୍ଶ ଜାରି କରି ଭାରତୀୟ ନାଗରିକମାନଙ୍କୁ ଇରାନ ଯାତ୍ରା ଏଡାଇବାକୁ ଓ ଦେଶରେ ପୂର୍ବରୁ ଥିବା ଲୋକମାନଙ୍କୁ ଉପଲବ୍ଧ ପରିବହନ ବିକଳ୍ପ ମାଧ୍ୟମରେ ଶୀଘ୍ର ସେଠାରୁ ବାହାରିଯିବାକୁ କହିଛି । ପଶ୍ଚିମ ଏସିଆରେ ଦ୍ରୁତ ଗତିରେ ବିଗୁଡ଼ୁଥିବା ସୁରକ୍ଷା ପରିସ୍ଥିତି ଓ ଗତ ୨୪ ଘଣ୍ଟା ମଧ୍ୟରେ ଦେଖାଦେଇଥିବା ସ୍ଥିତି ପରେ ଭାରତ ପକ୍ଷରୁ ନାଗରିକଙ୍କୁ ଏହି ପରାମର୍ଶ ଜାରି କରାଯାଇଛି । ଯୁଦ୍ଧବିରତି ସତ୍ତ୍ୱେ ଗତ କିଛି ଦିନ ହେଲା କ୍ଷେପଣାସ୍ତ୍ର ବିନିମୟ, ରଣନୈତିକ ଲକ୍ଷ୍ୟସ୍ଥଳ ଉପରେ ଡ୍ରୋନ ଆକ୍ରମଣ ଓ ଇସ୍ରାଏଲ ଓ ଇରାନ ପରସ୍ପର ଉପରେ ଆକ୍ରମଣ ଯୋଗୁ ଇରାନ ସ୍ଥିତ ଭାରତୀୟ ଦୂତାବାସ ସମସ୍ତ ଭାରତୀୟଙ୍କୁ ଇରାନ ଯାତ୍ରା ନକରିବାକୁ ପରାମର୍ଶ ଦେଇଛି । ଯେଉଁ ଭାରତୀୟ ନାଗରିକ ଇରାନରେ ଅଛନ୍ତି ସେମାନଙ୍କୁ କେ ୨ଣସି ପ୍ରକାର ଦୂରତ୍ୱ ସେଠାରୁ ଚାଲି ଆସିବାକୁ କୁହାଯାଇଛି । ଫେବୁଆରି ୨୮ରେ ଇରାନ-ଆମେରିକା ଓ ଇସ୍ରାଏଲ ମଧ୍ୟରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଭାରତ ପକ୍ଷରୁ ଏହାର ନାଗରିକଙ୍କ ପାଇଁ ଅନେକ ଥର ପରାମର୍ଶ ଜାରି କରାଯାଇଛି । ଆମେରିକା ଓ ଇରାନ ମଧ୍ୟରେ ଶାନ୍ତି ଆଲୋଚନା ଚାଲିଥିବା ସମୟରେ ରବିବାର ରାତିରେ ଇରାନ ଇସ୍ରାଏଲ ଉପରେ ଆକ୍ରମଣ କରିଛି । ଲେବାନନ୍ ଉପରେ ଇସ୍ରାଏଲର ଆକ୍ରମଣ ଜବାବରେ ଏହି ଆକ୍ରମଣ କରାଯାଇଥିବା ବୋଲି ଇରାନ କହିଛି ।

ବିଜେପି ମୁକ୍ତ ଭାରତ ସଂକଳ୍ପ ସହ ଏକତା ଶପଥ ନେଲେ ବିରୋଧୀ ନେତା

ନୂଆଦିଲ୍ଲୀ, ୮/୬(ନ୍ୟୁ.ଏ): ବିଜେପିମୁକ୍ତ ଭାରତ ପାଇଁ ଲଢିବା ମେଂଟର ସଂକଳ୍ପ । ଏନଡିଏର ମୁକାବିଲା ପାଇଁ ଇଣ୍ଡିଆ ମେଂଟର ରୁଲୁବୁପୂର୍ବ ବୈଠକରେ ଭବିଷ୍ୟତ ରଣନୀତି ନେଇ ବିଚାରବିମର୍ଶ କରାଯାଇଛି । ବୈଠକରେ ୨୩ଟି ଦଳର ନେତା ଯୋଗଦେଇଥିବା ବେଳେ ବିରୋଧୀ ମେଂଟର ଦୁଇ ପ୍ରମୁଖ ସହଯୋଗୀ ଆମ ଆଦମୀ ପାର୍ଟି ଓ ଡିଏମକେ ଯୋଗଦେଇ ନଥିଲେ । ଦୁଇଦଳର ଅନୁପସ୍ଥିତି ନେଇ ନାନା ପ୍ରଶ୍ନ ଉଠିଛି । ୪ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଂଚଳର ବିଧାନସଭା ନିର୍ବାଚନ ପରେ ଏକାଠି ହୋଇଥିଲେ ଇଣ୍ଡିଆ ମେଂଟର ଅଂଶୀଦାର ଦଳ । ନୂଆଦିଲ୍ଲୀରେ ଆୟୋଜିତ ବୈଠକରେ ୨୩ଟି ଦଳର ୨୬ ଜଣ ନେତା ଯୋଗଦେଇ ଆଗାମୀ ଦିନ ପାଇଁ ଭବିଷ୍ୟତର ରଣନୀତି ଧାର୍ଯ୍ୟ କରିଛନ୍ତି । ଶିବସେନା ଯୁବିଟି ଗୋଷ୍ଠୀର ସଭାପତି ଉଦ୍ଧବ ଠାକରେ ଭର୍ଚୁଆଲରେ ଯୋଗଦେଇଥିଲେ ।

ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ବିଜେପିମୁକ୍ତ ଭାରତ ଓ ଏନଡିଏର ମୁକାବିଲା ପାଇଁ ନେତାମାନେ ବିସ୍ତୃତ ଆଲୋଚନା କରିଛନ୍ତି । ବୈଠକରେ ସୋନିଆ ଗାନ୍ଧୀ, ରାହୁଲ ଗାନ୍ଧୀ, ମଲ୍ଲିକାର୍ଜୁନ ଖାଡ଼ଗେ, ମମତା ବାନାର୍ଜୀ, ତେଜସ୍ୱୀ ଯାଦବ, ଅଖିଳେଶ ଯାଦବ, ସୁପ୍ରିୟା ସୁଲେ, ଓମାର ଅବଦୁଲ୍ଲା, ମେହବୁବା ମୁଫତି ପ୍ରମୁଖ ଯୋଗଦେଇଥିଲେ । କିନ୍ତୁ ଦୁଗେଇ ରହିଥିଲେ ଆମ୍ ଆଦମୀ ପାର୍ଟି ଏବଂ ଡିଏମକେ । ଏହାକୁ ନେଇ ନାନା ପ୍ରଶ୍ନ ସୃଷ୍ଟି ହୋଇଛି । ତେବେ ବିରୋଧୀ ଏକାଠି ଥିବା ଦର୍ଶାଇବାକୁ ଇଣ୍ଡିଆ ମେଂଟର ଚେୟାରପର୍ସନ୍ ନେତାମାନେ ଏକତାର ଶପଥ ନେଇ ବୈଠକସ୍ଥଳ କନଷ୍ଟିଚ୍ୟୁସନ କ୍ଲବ୍ ଅଭିମୁଖେ ଶୋଭାଯାତ୍ରାରେ ଯାଇଥିଲେ । ବିଭିନ୍ନ ପ୍ରସଙ୍ଗରେ ଇଣ୍ଡିଆ ମେଂଟ ଭିତରେ ଦେଖାଦେଇଥିବା ଆଭ୍ୟନ୍ତରୀଣ ମତଭେଦ ଦୂର କରିବା ଓ ଆଗାମୀ ଦିନରେ ବିଭିନ୍ନ ରାଜ୍ୟ ବିଧାନସଭା ଓ ୨୦୨୯ ଲୋକସଭା ନିର୍ବାଚନ ପାଇଁ ମିଳିତ ରଣନୀତି ପ୍ରସ୍ତୁତ କରିବା ବୈଠକ ମୂଳ ଲକ୍ଷ୍ୟ ଥିଲା । ତେବେ ଏହା କେତେ ଦୂର ସମ୍ଭବ ହେଉଛି, ତା' ଉପରେ ସମସ୍ତଙ୍କ ନଜର ରହିଛି ।

ପ୍ରକାଶ ପାଇଲା ଓଜେଇଇ ପରୀକ୍ଷା ଫଳ

ଭୁବନେଶ୍ୱର, ୮/୬ (ଆ.ପ୍ର) : ଓଡିଶା ମିଳିତ ପ୍ରବେଶିକା ପରୀକ୍ଷା (OJEE-2026)ର ଫଳାଫଳ ପ୍ରକାଶ ପାଇଛି । ଆଜି ଏଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ, ଓଡିଶା ସରକାରଙ୍କ ଶିକ୍ଷ ଓ ରକ୍ଷାରା ବିଭାଗ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଅନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ଫଳାଫଳ ପୁସ୍ତିକାର ଉନ୍ମୋଚନ କରିଛନ୍ତି । ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟ ଓ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ପ୍ରଚଳିତ ୧୬ଟି ବୈଷୟିକ ଏବଂ କୃତିଗତ ପାଠ୍ୟକ୍ରମ ଯଥା B.CAT, LE-Tech. (Dip), LE-Tech. (B.Sc.), B. Pharm., MBA, MCA, Int. MBA, LE-Pharm., M.Pharm, M. Arch, M. Plan, M. Tech., Basic B.Sc Nursing, Post Basic B.Sc Nursing, M.Sc Nursing ଏବଂ Post Diploma Nursing ପାଇଁ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା । ସମସ୍ତ ପାଠ୍ୟକ୍ରମ ପାଇଁ କମ୍ପୁଟର ଆଧାରିତ ପରୀକ୍ଷା ମାଧ୍ୟମରେ ପ୍ରବେଶିକା ପରୀକ୍ଷା କରାଯାଇଥିଲା । ଚଳିତ ବର୍ଷ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲା ଏବଂ ରାଜ୍ୟ ବାହାରେ ୩ଟି ସହର ଯଥା କଲିକତା, ପାଟନା ଏବଂ ରାଂଚିରେ, ସର୍ବମୋଟ ୯୯ ଟି ପରୀକ୍ଷାକେନ୍ଦ୍ର ପ୍ରତିଷ୍ଠା କରାଯାଇଥିଲା । ଚଳିତ ବର୍ଷ ଶୁଭ୍ରାଂଶୁ ସୁଭାର (B. Pharm), ଅରୁଣ କୁମାର ଜେନା (LE-Tech. (Dip), ସୁଜନ କୁମାର ଝା (LE-Tech. (B.Sc.), ଦେବାଶିଷ ଦେବେରା (LE-Pharma), ତ୍ରିବିକ୍ରମ ପ୍ରଧାନ (MBA), ନରେନ ପାତ୍ର (MCA / M.Sc. (Comp. Sc.), ଶ୍ରୀମୟୀ ପାଣିଗ୍ରାହୀ (INT. MBA), ଦେବ ମଣ୍ଡଳ (B. CAT-ସିନେମାଟୋଗ୍ରାଫି ଆଣ୍ଡ ସାଉଣ୍ଡ ଇଞ୍ଜିନିୟରିଂ ଏଣ୍ଡିଟିଂ), ଶ୍ୟାମସୁନ୍ଦର ବେହେରା (M. PHARM), ସାହ ଆର୍ଯ୍ୟା ଅନୁଷ୍ଠା ନାୟକ (M. ARCH), ଶାଶ୍ୱତୀ ଆଚାର୍ଯ୍ୟ(M. PLAN)ରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି । ସେହିପରି, ସ୍ୱାଗତ କୁମାର ବେହୁରା M.Tech. ପାଠ୍ୟକ୍ରମରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି । ଏବର୍ଷ ମୋଟ ୧,୦୩,୪୩୪ ଜଣ ପରୀକ୍ଷାର୍ଥୀ ପଞ୍ଜୀକୃତ ହୋଇଥିବା ବେଳେ ୯୨,୬୨୮ ପରୀକ୍ଷାର୍ଥୀ (୮୯.୫୫%) ପରୀକ୍ଷାରେ ଭାଗ ନେଇଥିଲେ । ନର୍ସିଂ ପାଠ୍ୟକ୍ରମ ବ୍ୟତୀତ, ଅନ୍ୟାନ୍ୟ ପାଠ୍ୟକ୍ରମ ମଧ୍ୟରୁ ୬୨,୬୯୧ ପରୀକ୍ଷାର୍ଥୀଙ୍କୁ ନିଜ ନିଜର ପ୍ରଦର୍ଶନ ଅନୁଯାୟୀ ସେମାନଙ୍କ ଅନୁରୂପ ପାଠ୍ୟକ୍ରମରେ ସ୍ଥାନ (Rank) ଦିଆଯାଇଛି । ପରୀକ୍ଷାର୍ଥୀମାନେ OJEE website (www.ojee.nic.in) ରୁ ନିଜ ନିଜର Rank Card ପାଇପାରିବେ ।

ଜିରାଙ୍ଗ ବୌଦ୍ଧ ମଠ ପରିଦର୍ଶନ କଲେ ରାଜ୍ୟପାଳ

ଭୁବନେଶ୍ୱର, ୮/୬ (ଆ.ପ୍ର) : ରାଜ୍ୟପାଳ ଡଃ ହରିବାବୁ କମ୍ଭମ୍ପାତି ସୋମବାର ଗଜପତି ଜିଲ୍ଲାର ଜିରାଙ୍ଗସ୍ଥିତ ଶାନ୍ତ ପରିବେଶରେ ଅବସ୍ଥିତ ବୌଦ୍ଧ ମଠ ପରିଦର୍ଶନ କରିଛନ୍ତି । ଭଗବାନ ବୁଦ୍ଧଙ୍କୁ ପ୍ରାର୍ଥନା କରି ବିଶ୍ୱଶାନ୍ତି, ସମୃଦ୍ଧି ଏବଂ ସମସ୍ତଙ୍କ ମଙ୍ଗଳ କାମନା କରିଛନ୍ତି । ଏହି ପରିଦର୍ଶନ ସମୟରେ ରାଜ୍ୟପାଳ ମଠ ସଦସ୍ୟ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ସେମାନଙ୍କର ମତାମତ ଓ ସମସ୍ୟା ଶୁଣିଥିଲେ । ଜିଏଚନମାରୁ ଭଗବାନ ବୁଦ୍ଧଙ୍କ ପବିତ୍ର ଅସ୍ଥି ଭାରତକୁ ଆଣିବାରେ ନିଜର ଭୂମିକାକୁ ସ୍ମରଣ କରାଇ ରାଜ୍ୟପାଳ କହିଥିଲେ ଯେ, ଏହି ପରିଦର୍ଶନ ତାଙ୍କ ପାଇଁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ । ମଠର ସାଧୁସନ୍ଥଙ୍କର ଭକ୍ତି, କରୁଣା, ଶାନ୍ତି ଓ ଆଧ୍ୟାତ୍ମିକ ଜ୍ଞାନର

ମୂଲ୍ୟବୋଧ ପ୍ରତି ପ୍ରତିବଦ୍ଧତାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଶାନ୍ତି, ସାଂସ୍କୃତିକ ବୁଝାମଣା ଏବଂ ଭଗବାନ ବୁଦ୍ଧଙ୍କ ଉପଦେଶ ପ୍ରଚାର ଓ ସଂଗଠନରେ ମଠର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ । ଭବିଷ୍ୟତ ପିଢ

ମାଟିର ବାସ୍ନା ସାହିତ୍ୟ ସଂସଦର ତୃତୀୟ ବାର୍ଷିକ ସାରସ୍ୱତ ବନ୍ଧୁମିଳନ ମହୋତ୍ସବ

ବାସୁଦେବପୁର, ୦୮/୦୬ (ଆ.ପ୍ର) : ସାହିତ୍ୟ ଓ ଆଧ୍ୟାତ୍ମିକତାର ସୁନ୍ଦର ସମନ୍ୱୟ ମଧ୍ୟରେ ଲୁବନେଶ୍ୱରରେ ଅନୁଷ୍ଠିତ ହୋଇଯାଇଛି ମାଟିର ବାସ୍ନା ସାହିତ୍ୟ ସଂସଦର ତୃତୀୟ ବାର୍ଷିକ ସାରସ୍ୱତ ବନ୍ଧୁମିଳନମହୋତ୍ସବ-୨୦୨୬ । ରାଜ୍ୟର ବିଭିନ୍ନ ପ୍ରାନ୍ତରୁ କବି, ସାହିତ୍ୟିକ, ଗବେଷକ ଓ ସାମାଜିକମାନେ ଯୋଗଦେଇ ସାହିତ୍ୟ ଚର୍ଚ୍ଚା ସହ ବିଭିନ୍ନ ସାରସ୍ୱତ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଉକ୍ତ ଜିଲ୍ଲା ବାସୁଦେବପୁରର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ "ମାଟିର ବାସ୍ନା ସାହିତ୍ୟ ସଂସଦ" ପକ୍ଷରୁ ଲୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଏହି ସାମସତ୍ରିକ ଉତ୍ସବ ଆୟୋଜିତ ହୋଇଥିଲା । କବି ସ୍ୱର୍ଣ୍ଣଲତା ପଟ୍ଟନାୟକ ଅଧ୍ୟକ୍ଷତାରେ ଆୟୋଜିତ ଗାଳ୍ପିକ ସମ୍ମିଳନୀରେ କବିତା ପାଠୋତ୍ସବ ଓ କବି ପୂଜନ ଉତ୍ସବରେ ବିଶିଷ୍ଟ ସାହିତ୍ୟିକ ସୁକୁମାର ସାମଲ ମୁଖ୍ୟ ଅତିଥି ଓ ଆଶୁକବି ହେମନ୍ତ ବେଜା ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଡଃ ରମାକାନ୍ତ ନାୟକ, ସୁରେଶ ଚନ୍ଦ୍ର ରଥ, ଡଃ ନବକିଶୋର ଶତପଥୀ, ଯୁଗଳ କିଶୋର ମହାରଣା, ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆ, ଜଂ ପଦ୍ମଲୋଚନ ମାଝୀ ଓ କବି ଉମେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ "ସାହିତ୍ୟ ଓ ଆଧ୍ୟାତ୍ମିକତା" ପ୍ରସଙ୍ଗ ଉପରେ ଆଲୋଳନପାତ କରିଥିଲେ । ଏହି ଅବସରରେ ଅନୁଷ୍ଠାନର ଶିଶୁ ବିଶେଷଜ୍ଞଙ୍କ "ମାଟିର ମୁକୁଳ" ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପରେ ଅନୁଷ୍ଠାନର ଗଣ୍ଡାପତି ଆଡଭୋକେଟ୍ ରାଖଲ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଉତ୍ସବପରୀ ସମାରୋହ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ସାହିତ୍ୟିକ ଡଃ ପ୍ରତିଭା ମହାରଥୀ ଯୋଗଦେଇ ବକ୍ତୃତାର ସମ୍ବର୍ଦ୍ଧନା ପ୍ରଦାନ କରିବା ସହ "ଦିବ୍ୟ ଜ୍ୟୋତି", "ଗୋଧୂଳିରୁ ଜହ୍ନରାତି" ଏବଂ "ଜ୍ୟୋତିମୟୀ ମା' ହିଙ୍ଗୁଳା" ପୁସ୍ତକ ଉନ୍ମୋଚନ କରିଥିଲେ । ଏହି ଅବସରରେ ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଓ ସାହିତ୍ୟ ସାଧକଙ୍କୁ ସମ୍ମାନିତ କରାଯାଇଥିଲା । ଗାଳ୍ପୀ ଅନୁଷ୍ଠାନ, ପଲ୍ଲୀ ପ୍ରତିଭା ସାହିତ୍ୟ ଅନୁଷ୍ଠାନ ଏବଂ ବେତନା ଶ୍ରୀ ସାହିତ୍ୟ ସଂସଦକୁ ସ୍ୱତନ୍ତ୍ର ସମ୍ମାନ ପ୍ରଦାନ କରାଯାଇଥିବା ବେଳେ, ଡଃ ପ୍ରତିଭା ମହାରଥୀଙ୍କୁ "ମାଟି କନ୍ୟା" ସମ୍ମାନ ଏବଂ ନଦିଘୋଷ ଟିଭିର ସାମ୍ବାଦିକ ରମାକାନ୍ତ ଡାଙ୍ଗୁଆଙ୍କୁ "ସତ୍ୟ ଶାନ୍ତି ସମ୍ମାନ"ରେ ସମ୍ମାନିତ କରାଯାଇଥିଲା । ସମ୍ବାଦିକା ସରସ୍ୱତୀ ବାରିକ ଜାତିକ ଅତିଥି ପରିଚୟ ଓ ସମ୍ବାଦକୀୟ ବିବରଣୀ ପାଠ କରିଥିବା ବେଳେ କବି ପ୍ରମୋଦ କୁମାର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ । କବି ଅମୂଲ୍ୟ କୁମାର ବାରିକ, ହୃଷିକେଶ ପ୍ରଧାନ, ମାଲିନୀ ପାଢ଼ୀ, ନଳିନପ୍ରଭା ଦାସ ଓ ଶ୍ରୀକାନ୍ତ କୁମାର ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମକୁ ସଫଳ ଭାବେ ପରିଚାଳନା କରିଥିଲେ । ସାହିତ୍ୟ, ସଂସ୍କୃତି ଓ ଆଧ୍ୟାତ୍ମିକ ଚେତନାର ପ୍ରସାର ପାଇଁ ଏପରି ଆୟୋଜନ ନୂତନ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ମତ ପ୍ରକାଶ ପାଇଛି ।

ବନ୍ତ ବ୍ଲକ ପଂଚାୟତରେ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ଭଦ୍ରକ, ୦୮/୦୬ (ଆ.ପ୍ର) : ଭଦ୍ରକର ବ୍ଲକ ପଂଚାୟତ ସମିତି ସମ୍ମିଳନୀ କକ୍ଷ ପରିସରଠାରେ ଆଜି ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶୁଣାଣିରେ ମୋଟ ୯୮ଟି ଅଭିଯୋଗ ପ୍ରାପ୍ତ କରାଯାଇଥିଲା । ଏଥିରୁ ୬୮ଟି ବ୍ୟକ୍ତିଗତ ସମସ୍ୟା ସମାଧାନ ଥିବାବେଳେ ୨୬ଟି ଗ୍ରାମୀଣ ସମସ୍ୟା ସମ୍ବନ୍ଧୀୟ ଓ ରେଡ କ୍ରସ ଅଧିକାରୀଙ୍କ ୩ଟି ଅଭିଯୋଗ ରହିଥିଲା । ଜିଲ୍ଲା ରେଡକ୍ରସ ପାଣ୍ଠି ମାଧ୍ୟମରେ ୩ ଜଣ ଅଭିଯୋଗକାରୀଙ୍କୁ ମୋଟ ୯,୦୦୦/- ଟଙ୍କା ମଞ୍ଜୁର କରାଯାଇଛି । ଏହି ଜନ ଅଭିଯୋଗ ଶୁଣାଣିରେ ଜିଲ୍ଲାପାଳ ବିଜୁପ୍ରିୟ ଲାଲତରାୟ, ଆରକ୍ଷୀ ଅଧୀକ୍ଷକ ମନୋଜ ଗାଉତ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲ୍ଲା ମୁଖ୍ୟ ବିଜିୟୀ ଅଧିକାରୀ ପ୍ରମୋଦ ପ୍ରଧାନ, ବ୍ଲକ ଉନ୍ନୟନ ଅଧିକାରୀ ଶିତାଳାଂଶୁ ଗାଉତ ପ୍ରମୁଖ ଉପସ୍ଥିତ ଥିଲେ ।

ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ ସଚେତନତା ଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ

ବାଲିଗୁଡ଼ା, ୦୮/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସଂକ୍ଷିପ୍ତ ରୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ଏକ ବୃହତ ସଚେତନତା ସଭା ସ୍ଥାନୀୟ ଟାଉନ ହଲ ପରିସରରେ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅଂଚଳର ବ୍ୟକ୍ତି ବିଶେଷ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ବନବାସୀ ସେବା ସମିତିର ସଦସ୍ୟ ଏବଂ ସ୍ଥାନୀୟ ଅଂଚଳର ସାଧାରଣ ଜନତା ସାମିଲ ହୋଇଥିଲେ । ଏହି ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ଉପଖଣ୍ଡ ନିର୍ବାଚନ ଅଧିକାରୀ ତଥା ବାଲିଗୁଡ଼ା ଉପଜିଲ୍ଲାପାଳ ପ୍ରତିଭା ଦାସ ଯୋଗଦେଇ 'ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ' ଏସ୍‌ଆଇଆର୍‌ର ଆଜି ମୁଖ୍ୟ ଏବଂ ଏହାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଏକ ସୁବୃହତ୍ ଗଣତନ୍ତ୍ର ଗଠନ ପାଇଁ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ନାମ ରୋଟର ତାଲିକାରେ ରହିବା ଅତ୍ୟନ୍ତ ଜରୁରୀ । ନାଗରିକ ମାନଙ୍କ କଲ୍ୟାଣ ତଥା ସେମାନଙ୍କ ଗଣତାନ୍ତ୍ରିକ ଅଧିକାରକୁ ସୁରକ୍ଷିତ କରିବା ପାଇଁ ସରକାର ଏହି ଅଭିଯାନକୁ ବ୍ୟାପକ ଭାବେ ପ୍ରୋତ୍ସାହିତ କରୁଛନ୍ତି ବୋଲି ସେ ପ୍ରକାଶ କରିଥିଲେ । ସେହିପରି ସଭାରେ ଉପସ୍ଥିତ ସହକାରୀ ଜିଲ୍ଲାପାଳ ଜୁପକ କୁଜୁର ଏସଆଇଆର କିଭଳି କାର୍ଯ୍ୟ କରେ ଏବଂ ଏହାର ସମ୍ପୂର୍ଣ୍ଣ ପ୍ରକ୍ରିୟା ବିଷୟରେ ବୁଝାଇଥିଲେ । ସେ ସୂଚନା ଦେଇଥିଲେ ଯେ, ପ୍ରଶାସନ ପକ୍ଷରୁ ନିଯୁକ୍ତ ବୁଥ ସ୍ତରୀୟ ଅଧିକାରୀ ବିଏଲ ଓ ମାନେ ଘରକୁ ଘର ବୁଲି ସଠିକ ତଥ୍ୟ ସଂଗ୍ରହ କରିବେ । ଏହି ଜନହିତକର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସ୍ଥାନୀୟ ଜନସାଧାରଣ ସମସ୍ତ ଲଆଉଡ଼, ଏଲଆଉଡ଼ ଏବଂ ବିଏଲ ଓ ମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସେ ଅନୁରୋଧ କରିଥିଲେ । କାର୍ଯ୍ୟକ୍ରମର ଆବାହକ ଦାର୍ଜିବାସୀ ଗୋଡ଼େଇ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନର ସମୟସୀମା ଏବଂ ଏହାର ବିଭିନ୍ନ ଦିଗ ସମ୍ପର୍କରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ । ଏହି ଅବସରରେ ବନବାସୀ ସେବା ସମିତିର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରୋଟର ସଚେତନତା ଉପରେ ଏକ ସୁନ୍ଦର ସାଂସ୍କୃତିକ ତଥା ସଚେତନତାଧର୍ମୀ ନାଟକ ପ୍ରଦର୍ଶନ କରାଯାଇଥିଲା, ଯାହା ଉପସ୍ଥିତ ଦର୍ଶକଙ୍କୁ ବେଶ୍ ପ୍ରଭାବିତ କରିଥିଲା । ଶେଷରେ ବାଲିଗୁଡ଼ା ତହସିଲଦାର ଦୀପ୍ତି ପ୍ରକାଶ ବେହେରା, ଏଡିଡିଓ ପ୍ରଦୀପ କୁମାର ବାଗ, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶିବ ଶଙ୍କର ସାମରଥ, ଏସଏଚଜି ମହିଳା, ବନବାସୀ ସେବା ସମିତିର ସଦସ୍ୟା, ସ୍ଥାନୀୟ ନାଗରିକ ଏବଂ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ କାର୍ଯ୍ୟକ୍ରମକୁ ସଫଳ କରିଥିବାରୁ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ ।

ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ନବରଙ୍ଗପୁର, ୦୮/୦୬ (ଆ.ପ୍ର) : ଆଜି ଡେବୁଜିଝୁଂଟି ପଂଚାୟତ ସମିତି ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଡ଼. ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ କାଞ୍ଚାପ ପାର୍ଥି ଜରଦାଣ୍ଡଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ଅତିରିକ୍ତ ଜିଲ୍ଲାପାଳ ଡ଼ ପ୍ରମୋଦ କୁମାର ପୃଷ୍ଟି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ବିଜଂଚି ନାରାୟଣ ବରଖାନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଶୁଣିଥିଲେ । ଶିବିରରେ ମୋଟ ୨୨ ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ । ସେଥିମଧ୍ୟରୁ ୧୮ଟି ବ୍ୟକ୍ତିଗତ ସମସ୍ୟା ସମ୍ବନ୍ଧୀୟ ଏବଂ ୪ଟି ଗ୍ରାମ୍ୟ ଓ ସାମୁହିକ ସମସ୍ୟା ଆବେଦନ ଥିଲା ।

ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦର କୋଷାଧକ୍ଷ ରବି ମହାନ୍ତିଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

ଜଗତସିଂହପୁର, ୦୮/୦୬ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକ ଅନ୍ତର୍ଗତ ବେଦୁଆ ଗ୍ରାମ ପଂଚାୟତ ଗଣ୍ଡାପୁର ଗ୍ରାମର ସାମାଜିକ କର୍ମୀ ତଥା ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦର କୋଷାଧକ୍ଷ ରବି ମହାନ୍ତିଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ବେଦୁଆ ରଘୁନାଥ ଜୀଉଙ୍କ ମନ୍ଦିର ପ୍ରାଙ୍ଗଣରେ ରବିବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ନାଟ୍ୟକାର ସୁଧାକର ଦ୍ୱିବେଦୀ ସ୍ମୃତି ପରିଷଦ ପକ୍ଷରୁ ଆୟୋଜିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପରିଷଦର ସଭାପତି ଅଜେଶ ଚନ୍ଦ୍ର ବେହେରା ଅଧ୍ୟକ୍ଷତା କରିଥିଲେ । ଉକ୍ତ ସଭାରେ ପରିଷଦର କାର୍ଯ୍ୟକାରୀ ସଭାପତି ସୁରେଶ ଚନ୍ଦ୍ର ରାଉତ, ଉପଦେଷ୍ଟା ଗୀତା ରଥ, ସୁରେନ ରାଉତ, ସଦାଶିବ ବିଶ୍ୱାଳ, ଅରୁଣ କୁମାର ରାଉତରାୟ, ରବି ନାରାୟଣ ରଥ, ଶିଶିର କୁମାର ତ୍ରିପାଠୀ, ପରାଶିତ ମହାନ୍ତି, ଉପେନ୍ଦ୍ର ନାଥ ରଥ, ବନମାଳୀ ମହାରଣା, ଗୋବିନ୍ଦ ଖଟା, ରାଜକିଶୋର ସାହୁ, ଶୁଭଙ୍କର ବେଜା, ଅରୁଣ କୁମାର ମହାରଣା, ବିଜୟାନନ୍ଦ ସ୍ୱାଇଁ, ତପନ କୁମାର ରାଉତରାୟ, ସତ୍ୟେଶ କୁମାର ସ୍ୱାଇଁ, ଶିବପ୍ରସାଦ ମାଝୀ, ସରୋଜ କୁମାର ରାୟ, ସରୋଜ କୁମାର ନାୟକ, ପ୍ରଦୀପ୍ତ କୁମାର ମହାନ୍ତି, ତନୁଜ କାନ୍ତ ପଣ୍ଡା,ପ୍ରଦୀପ୍ତ କୁମାର ବିଶ୍ୱାଳ, ପରିଷଦର ସମ୍ପାଦକ ସରୋଜ କୁମାର ଦ୍ୱିବେଦୀ, ସହ ସମ୍ପାଦକ ବିଶ୍ୱଜିତ ଦାଶ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାନ୍ତିଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିବା ସହ ସେ ଜଣେ ସରଳ, ପରୋପକାରୀ ଓ ଅମାୟିକ ବ୍ୟକ୍ତି ଥିଲେ ବୋଲି କହିଥିଲେ । ତାଙ୍କ ବିୟୋଗରେ ପରିଷଦ ଜଣେ ପ୍ରମୁଖ ସହଯୋଗୀଙ୍କୁ ହରାଇଲା ଯାହା ଅପୂରଣୀୟ ବୋଲି କହିଥିଲେ । ସଭା ପୂର୍ବରୁ ପରିଷଦର କର୍ମକର୍ତ୍ତା, ସଦସ୍ୟ ସଦସ୍ୟା ଓ ଶୁଭେଚ୍ଛୁମାନେ ସ୍ୱର୍ଗତ ମହାନ୍ତିଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ପରେ ବିଦ୍ୟାଗତ ଆତ୍ମାର ସଦଗତି ନିମନ୍ତେ ୧ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଶେଷରେ ପରିଷଦର ଯୁଗ୍ମ ସମ୍ପାଦକ ବିଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

ମହିଳା ଅସ୍ମିତା ସାଇକେଲ ଲିଗ୍ ଅନୁଷ୍ଠିତ

ଭଦ୍ରକ, ୦୮/୦୬ (ଆ.ପ୍ର) : ଭଦ୍ରକ ଜିଲ୍ଲା କ୍ରିଡା ସଂସ୍ଥା ଆନୁକୂଲ୍ୟରେ ମହିଳା ଅସ୍ମିତା ସାଇକେଲ ଲିଗ୍ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତା ଟି ଉପରବାଙ୍ଗୁଠାଇ ସ୍ଥିତ ଡଙ୍ଗମୁଣ୍ଡ ରୋଡରେ ୫୬ ଜଣ ମହିଳା ଆଥଲେଟ୍‌ଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ମୁଖ୍ୟ ଅତିଥି ଭାବେ ଡେପୁଟୀ କଲେକ୍ଟର ତଥା କ୍ରିଡା ଅଧିକାରୀ ଦେବବତ ମାହାପାତ୍ର ଯୋଗ ଦେଇ ଖେଳାଳୀ ସହିତ ନିଜେ ସାଇକେଲ ଚଲାଇ , ଖେଳାଳୀ ମାନଙ୍କର ଉତ୍ସାହ ବଢାଇବା ସହିତ ମନକୁ ଦୃଢ଼ କରିଥିଲେ । ପରିଶେଷରେ ବିଭିନ୍ନ ବର୍ଗରେ ବିଜୟୀ ହୋଇଥିବା ଆଥଲେଟ୍ ମାନଙ୍କୁ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ । ଏଥି ନିମନ୍ତ୍ର ଭଦ୍ରକ ଜିଲ୍ଲା କ୍ରିଡା ସଂଘ ର ସଂପାଦକ ଧିରେନ୍ ପଲାଛ ସହ ସଂପାଦକ ଅତିଶ ବେହେରା ଶୁଭେଚ୍ଛା ଜଣାଇବା ସହିତ ଶୁଭକାମନା କରିଥିଲେ । ଏହି ପ୍ରତିଯୋଗିତାଟି ସଂଗ୍ରାମୀ ଦେବୀଦତ ନାୟକ, ରବି ନାରାୟଣ ଖଟା ,ରାକେଶ କୁମାର ନାୟକ, ମନୋଜ କୁମାର ସାହୁ, ଅସିତ ବାସ, ସୂର୍ଯ୍ୟକାନ୍ତ ରାଉତ ,ଅଶ୍ୱିନୀ ନାୟକ, ବିପେଶ ନାୟକଙ୍କ ତତ୍ୱାବଧାନରେ ସମାପ୍ତ ହୋଇଥିଲା ।

ବାସୁଦେବପୁର ପୌରପାଳିକା ତରଫରୁ ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

ବାସୁଦେବପୁର, ୦୮/୦୬ (ଆ.ପ୍ର) : ସ୍ୱଚ୍ଛ ଓ ସବୁଜ ପରିବେଶ ଗଠନ ଲକ୍ଷ୍ୟରେ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ ବାସୁଦେବପୁର ପୌରପାଳିକା ପକ୍ଷରୁ ୬ ନମ୍ବର ୱାର୍ଡରେ ସଫେଇ ଅଭିଯାନ ସହ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷା, ପୌରପାଳିକାର ଅଧିକାରୀ, ପାରିଷଦ ଓ ସ୍ଥାନୀୟ ବାସିନ୍ଦାମାନେ ସକ୍ରିୟ ଭାବେ ଯୋଗଦେଇ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷାର ବାର୍ତ୍ତା ପ୍ରଦାନ କରିଥିଲେ । ବାସୁଦେବପୁର ପୌରପାଳିକାରେ ସ୍ୱଚ୍ଛ ଭାରତ ମିଶନ ଏବଂ ବୃକ୍ଷରୋପଣ ଭଳି କାର୍ଯ୍ୟକ୍ରମ ଚାଲୁ ରହିଛି । ବାସୁଦେବପୁର ପୌରପାଳିକାର ୬ ନମ୍ବର ୱାର୍ଡରେ ସୋମବାର ସଫେଇ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ଅଂଚଳର ରାସ୍ତାଘାଟ ଓ ସାର୍ବଜନୀନ ସ୍ଥାନଗୁଡ଼ିକୁ ସଫା କରାଯିବା ସହ ପରିବେଶ ସୁରକ୍ଷା ନିମନ୍ତେ ବିଭିନ୍ନ ପ୍ରକାରର ଚାରା ରୋପଣ କରାଯାଇଥିଲା । ଘରକୁ ଘର ବୁଲି ସଚେତନ କରାଇଲେ । ଏହି ଅବସରରେ ବାସୁଦେବପୁର ପୌରାଧ୍ୟକ୍ଷା ଶ୍ରୀମତୀ ନିବେଦିତା ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ୫ ନମ୍ବର ୱାର୍ଡ ପାରିଷଦ ଜଗବନ୍ଧୁ ଦାସ, ୬ ନମ୍ବର ୱାର୍ଡ ପାରିଷଦ ହେମନ୍ତ କୁମାର ନାୟକ ଏବଂ ୪ ନମ୍ବର ୱାର୍ଡ ପାରିଷଦ ଭାନୁମତୀ ମଲ୍ଲିକ ଉପସ୍ଥିତ ରହି ଅଭିଯାନରେ ସାମିଲ ହୋଇଥିଲେ । ସେହିପରି ପୌରପାଳିକାର କର୍ମଚାରୀ ସଚିନ ଖାନ, ସ୍ତୋତାଳିନୀ ଦାସ, ଜପସୀତା ସାହୁ, ବିଶ୍ୱରଞ୍ଜନ ବେଜା, ମୃତ୍ୟୁଞ୍ଜୟ ନାୟକ, ଜୀବନ ମଲ୍ଲିକ, ଆଶିଷ ମିଶ୍ରଙ୍କ ସମେତ ବହୁ ସଂଖ୍ୟକ ଗ୍ରାମବାସୀ ଓ ଜନପ୍ରତିନିଧି ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ସ୍ୱଚ୍ଛ ପରିବେଶ ରକ୍ଷା, ବର୍ଜ୍ୟବସ୍ତୁର ସଠିକ ପରିଚାଳନା ଓ ଅଧିକରୁ ଅଧିକ ବୃକ୍ଷରୋପଣ ମାଧ୍ୟମରେ ପରିବେଶ ସବୁଜମୟ କରାଯାଇ ରକ୍ଷାବା ଉପରେ ସଚେତନତା ସୃଷ୍ଟି କରାଯାଇଥିଲା ।

ଡକ୍ଟରେଟ୍ ଆୱାର୍ଡ ପାଇ ଧାମନଗର ମାଟିର ଗୌରବ ଆଣିଛନ୍ତି - ଶିକ୍ଷାବିତ୍ ଅବଦୁଲ ହାକିମ

ଧାମନଗର, ୦୮/୦୬ (ଆ.ପ୍ର) : ଆମଗରିକ ମେରିଚ କାଉନସିଲ ଆନୁକୂଲ୍ୟରେ କଟକ ଶତାବୀ ଭବନ ପରିସରରେ ଆୟୋଜିତ ଜ୍ଞାନଦାନ ହୋମୋରାରୀ ଡକ୍ଟରେଟ୍ ଆୱାର୍ଡ ମାଧ୍ୟମରେ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି । ଏମାନଙ୍କ ମଧ୍ୟରେ ଧାମନଗର ଅଞ୍ଚଳର ଜଣେ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଏବେ ଏହି ଜିଲ୍ଲାରୁ ଜାତୀୟ ଜନତା ପାର୍ଟିର ଲୋକସଭା ଭାବେ ରାଜ୍ୟ ସଭାପତି ଭାର ଗ୍ରହଣ କରିଛନ୍ତି । ଧାମନଗର ହେଉଛି ସହିଦ ଓ ବଳିଦାନର ମାଟି ଭାରତ ଛାଡ଼ ଆନ୍ଦୋଳନରେ ୯ଜଣ ପ୍ରାଣ ହରାଇଛନ୍ତି । ଚେତେ ପ୍ରଜାଣ ଆରଡି ଧାମନଗର ସହରାଂଚଳରେ ଥିବା ବହୁ ପୁରାତନ ଶିକ୍ଷାନୁଷ୍ଠାନ ମଡ଼ାସା ଗୋଷିୟା ଗୋପିୟର ଅବସରପ୍ରାପ୍ତ ଆଦର୍ଶ ଶିକ୍ଷକ ତଥା ବିଶିଷ୍ଟ ସମାଜସେବୀ ତଥା ଶାନ୍ତି କମିଟିର ଶିକ୍ଷାଯିତ୍ରୀ, ବହୁ ବାଈବ, ଶୁଭେଚ୍ଛୁମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଥିବା ବେଳେ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଶୁଭ ଛୁଟିଛି । ଏମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଅଭିଜ୍ଞତା କାରଣ ଜଣେ ଜିଲ୍ଲାରୁ ଚୁଡ଼ା ଜଣ ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ଏବେ ଏହି ଜିଲ୍ଲାରୁ ଜାତୀୟ ଜନତା ପାର୍ଟିର ଲୋକସଭା ଭାବେ ରାଜ୍ୟ ସଭାପତି ଭାର ଗ୍ରହଣ କରିଛନ୍ତି । ଧାମନଗର ହେଉଛି ସହିଦ ଓ ବଳିଦାନର ମାଟି ଭା

ସୈତିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୯ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ଭୋଗରାଇରେ ଆମ ଆଦମୀ ପାର୍ଟିର ସାଙ୍ଗଠନିକ ବୈଠକ ଓ ସଦସ୍ୟତା ଅଭିଯାନ ଅନୁଷ୍ଠିତ

ଭୋଗରାଇ,୦୮/୦୬ (ଆ.ପ୍ର) : ଭୋଗରାଇ ଆମ ଆଦମୀ ପାର୍ଟି (ଇଚ) ତରଫରୁ ଏକ ଦିନୀୟ ସଦସ୍ୟତା ଅଭିଯାନ ଏବଂ ସାଙ୍ଗଠନିକ ବୈଠକ ସମ୍ପନ୍ନତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଇଚତ ର ବାଲେଶ୍ୱର ପ୍ରଭାରୀ ଜଳିତ ମୋହନ ଦାସ ଅଧିକାରୀ ଏବଂ ବାଲେଶ୍ୱର ଜିଲ୍ଲା ମୁଖ୍ୟ ସ୍ୱର୍ଣ୍ଣଜିତ ମଲିକ ଭୋଗରାଇ ଗପ୍ତ ଜଣି ଦଳୀୟ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ । ଭୋଗରାଇ ଗ୍ରାମ୍ୟ ଉଚ୍ଚ ଶିକ୍ଷା ପ୍ରତିଷ୍ଠାନ ପାର୍ଶ୍ୱରେ ଥିବା କନଫରେନ୍ସ ହଲ୍ ?ରେ ଏକ ଗୁରୁତ୍ୱପୂର୍ଣ୍ଣ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ଦଳର ସ୍ଥିତି ଓ ଆଗାମୀ କାର୍ଯ୍ୟସୂଚୀ ଉପରେ ଆଲୋଚନା କରାଯାଇଥିଲା । ବୈଠକ ପରେ ଭୋଗରାଇ ଅଂଚଳର ବିଭିନ୍ନ ସମସ୍ୟାକୁ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା ଉକ୍ତ ସମ୍ମିଳନୀ ରେ ଦଳୀୟ ନେତୃତ୍ୱ ସ୍ଥାନୀୟ ସମସ୍ୟା ଉପରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହି ଅବସରରେ ଭୋଗରାଇର ବିଭିନ୍ନ ସ୍ଥାନରୁ ଆସିଥିବା ବହୁ ସଂଖ୍ୟକ କର୍ମୀ ଆମ ଆଦମୀ ପାର୍ଟିର ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ଆନୁଷ୍ଠାନିକ ଭାବେ ଯୋଗ ଦେଇଛନ୍ତି । ଆନାଙ୍କର ସ୍ଥିତ ବସ୍ ଷ୍ଟାଣ୍ଡ, ଜଲେଜ ଛକ ସମେତ କରିବେ ବୋଲି ଦଳୀୟ କର୍ମୀମାନେ ପ୍ରକାଶ କରିଛନ୍ତି । ସ୍ଥାନରେ ଜନସାଧାରଣଙ୍କୁ ଦଳ ସହ ଯୋଡ଼ିବା ପାଇଁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ କରାଯାଇଥିଲା । ଆଗାମୀ ଦିନରେ ଅନ୍ୟ ଦଳ ଛାଡ଼ି ବହୁ କର୍ମୀ ଇଚତ ରେ ସାମିଲ ହେବାକୁ ଯାଉଛନ୍ତି ବୋଲି ଦଳର ନେତୃ ମଣ୍ଡନୀ ଦୃଢ଼ୋକ୍ତି କରିଥିଲେ । ଏଥିସହିତ ଦଳକୁ ଆହୁରି ମଜବୁତ ଓ ସୁଦୃଢ଼ କରିବା ପାଇଁ ଖୁବ୍‌ଶୀଘ୍ର କେନ୍ଦ୍ରୀୟ ନେତୃତ୍ୱ ଭୋଗରାଇ ଗସ୍ତ କରିବେ ବୋଲି ଦଳୀୟ କର୍ମୀମାନେ ପ୍ରକାଶ କରିଛନ୍ତି ।

ସର୍ବ ଦର୍ଶନ ସମ୍ମାନରେ ରାଜ୍ୟ ଟପ୍ପର

ଭୋଗରାଇ, ୦୮/୦୬ (ଆ.ପ୍ର) : ଭୋଗରାଇ ବ୍ଲକ ଅନ୍ତର୍ଗତ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଛାତ୍ର ଶୁଚିସ୍ମିତା ପତି ତଳିତ ବର୍ଷ ପୁରା ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଶାସ୍ତ୍ରୀ (ଡିଗ୍ରୀ) ପରୀକ୍ଷାରେ ସର୍ବଦର୍ଶନ ସମ୍ମାନରେ ୯୦୦ ମାର୍କ ରୁ ୭୫୦ ମାର୍କ ରଖି ରାଜ୍ୟ ଟପ୍ପର ହେବାର ଗୌରବ ଲାଭ କରିଛନ୍ତି । ଭୋଗରାଇ ବ୍ଲକ ହୁଲୁଚି ପଂଚାୟତ ଗାଜିପୁର ଗ୍ରାମବାସୀ ଅଜିତ ପତି ଏବଂ ଗାଡ଼ାଗାଣ୍ଡୀ ପତିଙ୍କ କନିଷ୍ଠା କନ୍ୟା ଶୁଚିସ୍ମିତା ଉପଶାସ୍ତ୍ରୀ ପରୀକ୍ଷାରେ ବ୍ଲକ ଟପ୍ପର ହେବାର ଗୌରବ ଅର୍ଜନ କରିଥିଲେ । ତାଙ୍କ ସଫଳତା ନିମନ୍ତେ ମହାବିଦ୍ୟାଳୟ ପକ୍ଷରୁ ଅକ୍ଷୟ ତ.

ସଚାଣ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର, ସମୀର କୁମାର ନନ୍ଦ, ପଦ୍ମଲୋଚନ ପଣ୍ଡା, ପ୍ରାଞ୍ଜଳ ଛାତ୍ର ପରିଷଦର ଉପସଭାପତି ଶ୍ରୀମୁନାଥ ସାହୁ ପ୍ରମୁଖ ଯୋଗଦାନ କରି ତାଙ୍କର ଜଜ୍ବକ ଜଳିଷ୍ଠାତ କାମନା କରିଥିଲେ । ଏହି ଅବସରରେ ଦେବରକ୍ଷା ବିକାଶ ପରିଷଦର ସଭାପତି ଡାକ୍ତର ଶ୍ରୀଶ କୁମାର ଦାଶ, ପ୍ରାଞ୍ଜଳ ପ୍ରାଧାପକ ସୁବ୍ରତ କୁମାର ପ୍ରଧାନ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।

'ସହାୟକ'ର ଗୁରୁତ୍ୱପୂର୍ଣ୍ଣ ବୈଠକ

ବାଲେଶ୍ୱର, ୦୮/୦୬ (ଆ.ପ୍ର) : ଜନକଲ୍ୟାଣକାରୀ ସଂଗଠନ 'ସହାୟକ'ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘସ୍ଥଳରେ ଅନୁଷ୍ଠିତ ହୋଇଯାଇଛି । ବହୁତ କ୍ଷିତୀଶ୍ୱର ଦାଶ ଏଥିରେ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ ଜଂ. କୃଷ୍ଣଚନ୍ଦ୍ର ସାହୁ ବିବରଣୀ ପାଠ କରିଥିଲେ । ଉତ୍ତରସଂଗଠନ ଦାର୍ଘ ୨୦ବର୍ଷ ଧରି ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ । କୋଷାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ଦାସ ଆୟବ୍ୟୟ ବିବରଣୀ ପ୍ରଦାନ କରିଥିଲେ । ପୂର୍ବ ନିଷ୍ପତ୍ତି ଅନୁସାରେ ଏପ୍ରିଲ୍ ପହିଲାରୁ ସଂଗଠନ ପକ୍ଷରୁ ବୃଦ୍ଧାର୍ତ୍ତଙ୍କୁ ଜଳଦାନ କାର୍ଯ୍ୟକ୍ରମ ଜାରିର ଖ୍ୱାଳି । ଏହା ଚଳିତ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ ବୋଲି ସମ୍ପାଦକ ଶ୍ରୀ ସାହୁ ସୂଚନା ଦେଇଥିଲେ । ଏହି ବୈଠକର ନିଷ୍ପତ୍ତି ଅନୁସାରେ ଆଗାମୀ ଜୁଲାଇ ମାସରେ କୃଷ୍ଣରୋପଣ କାର୍ଯ୍ୟକ୍ରମ କରାଯିବ ବୋଲି ସ୍ଥିର ହେଲା । ଏହି ଅବସରରେ ୮୦ବର୍ଷରୁ ଊର୍ଦ୍ଧ୍ୱ ବରିଷ୍ଠ ସଭ୍ୟଙ୍କୁ ପୁରସ୍କୃତକରିବାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା । ବରିଷ୍ଠ ଉପଦେଷ୍ଟା ଜଂ. ବଦମାଳୀ ନାୟକ, ବିଦାକର ମହାପାତ୍ର, ଜଂ. ସୁରେନ୍ଦ୍ର ପ୍ରସାଦ ଧନ, ଶଙ୍କାଙ୍କ ଶେଖର ଦତ୍ତ, ଯୋଗେଶ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମଣ ଚରଣ ବିଶ୍ୱାଳ, କେଶବ ଚନ୍ଦ୍ର ମଲ୍ଲିକ, ରାଜେଶ ଚନ୍ଦ୍ର ପଣ୍ଡା ଏବଂ ଗୌରାଙ୍ଗ ପଣ୍ଡିତଙ୍କୁ ପ୍ରମୁଖ ଉପସ୍ଥିତରହି ନିଜରମତ ପ୍ରଦାନ କରିଥିଲେ । ଶେଷରେ ଉପସଭା ନେତ୍ରୀ ଅମିତା ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

ବିଦ୍ୟୁତ ତାର ଚୋରି ଘଟଣାରେ ୪ ଗିରଫ

ବାସୁଦେବପୁର, ୦୮/୦୬ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅଂଚଳରେ ଘଟିଥିବା ୧୧ କେଭି ବିଦ୍ୟୁତ ତାର ଚୋରି ଘଟଣାରେ ପୋଲିସକୁ ମିଳିଛି ବଡ଼ ସଫଳତା । ଘଟଣାରେ ସମ୍ପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ବେଳେ ଚୋରି ହୋଇଥିବା ୨୫୬ କିଲୋଗ୍ରାମ ବିଦ୍ୟୁତ ତାର ଓ ବୁଲେରି ଚାରି ଜବିଆ ଗାଡ଼ିକୁ ଜବତ କରିଛି ପୋଲିସ । ଘଟଣାରେ ଆହୁରି କିଛି ବ୍ୟକ୍ତିଙ୍କ ସମ୍ପୃକ୍ତି ନେଇ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି । ବାସୁଦେବପୁର ଥାନା ଭେଲ୍ ନମ୍ବର ୩୪୧/୨୦୨୬ ଅନୁଯାୟୀ, ସାନନଦପୁର ଗ୍ରାମର ଠିକାଦାର କୃଷ୍ଣଚନ୍ଦ୍ର ଧୂପାଲ ଡେଁକୁଣ୍ଡପୁର ଅଂଚଳରେ ବିଦ୍ୟୁତ ବିଭାଗର କାର୍ଯ୍ୟ କରୁଥିଲେ । କାମ ପାଇଁ ଉଖାପାଉଥିବା ୧୧ କେଭି

ବିଦ୍ୟୁତ ତାରର ବୁଲଟି ବଣ୍ଡଲ ଗତ ୬ ତାରିଖ ରାତିରେ ଘର ଭାଙ୍ଗି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା ।ଅଭିଯୋଗ ପାଇବା ପରେ ବାସୁଦେବପୁର ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ତଦନ୍ତ ସମୟରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ସନ୍ଦିଗ୍ଧମାନଙ୍କୁ ଅଟକ ରଖି ପଚରାଉଚରା କରାଯାଇଥିଲା । ପଚରାଉଚରା ବେଳେ ରାଧାମାଧପୁରର ସଜୁରୁ ମଲ୍ଲିକ ଓରଫ ଗୌତମ, ମନ୍ଦାରର ଅନିଲ କୁମାର ମହାଳିକ ଓରଫ କୁନା, ବାସୁଦେବପୁର ଶୁଭକେଦେବ ପୁରର କାଜିମ ଖାନ ଏବଂ ଭଦ୍ରକ ପୁରୁଣାଡଗୀରର ଅବଦୁଲ ରେହମାନ ଓରଫ ଭାଲୁ ଘଟଣାରେ ସମ୍ପୃକ୍ତ ଥିବା ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି । ଏହାପରେ ପୋଲିସ ଜବିଜବ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଏହି ଚୋରି ଘଟଣାରେ ବ୍ୟବହୃତ ହୋଇଥିବା ଗାଡ଼ିଗୁଡ଼ିକୁ ମଧ୍ୟ ଜବତ କରାଯାଇଛି । ପୋଲିସ ଚୋରି ହୋଇଥିବା ୨୫୬ କିଲୋଗ୍ରାମ ବିଦ୍ୟୁତ ତାର ଉଦ୍ଧାର କରିବା ସହିତ ଅଟୋ ନମ୍ବର ଓଡ଼ି-୨୨କେଜୁ-୧୫୬୩ ଏବଂ ପିକଅପ୍ ଭ୍ୟାନ୍ ନମ୍ବର ଓଡ଼ି-୨୨ୟୁ-୭୦୧୧ କୁ ଜବତ କରିଛି । ଘଟଣାରେ ଆହୁରି କିଛି ଅଭିଯୁକ୍ତଙ୍କ ସମ୍ପୃକ୍ତି ନେଇ ଖୋଜତାଡ଼ି ଚାଲିଥିବା ବେଳେ ତଦନ୍ତ ଜାରି ରହିଛି । ଏନେଇ ଭଦ୍ରକ ସଦର ଏଏଡିପିଓ ବିଚିତ୍ରାନନ୍ଦ ସେଠୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ।

ନେମାଳ ପୀଠ ଉନ୍ନତିକରଣ କାର୍ଯ୍ୟର ସମୀକ୍ଷା କଲେ କଟକ ସାଂସଦ ଓ ଦୁଇ ବିଧାୟକ

ନିଶିନ୍ତକୋଇଲି, ୦୮/୦୬ (ଆ.ପ୍ର) : ନିଶିନ୍ତକୋଇଲି ବ୍ଲକ ଅଧିନ ନେମାଳ ମହାପ୍ରଭୁଙ୍କ ଅଦ୍ୟୋତାନନ୍ଦ ପଦ୍ମବନ ପୀଠକୁ କଟକ ସାଂସଦ ଶ୍ରୀଯୁକ୍ତ ଲଭୁଭରି ମାହତାବ, କଟକ ସଦର ବିଧାୟକ ଜଂ.ପ୍ରକାଶ ଚନ୍ଦ୍ର ସେଠୀ,ମାହାଙ୍ଗା ବିଧାୟକ ଶ୍ରୀଯୁକ୍ତ ଶାରଦାପ୍ରସାଦ ପ୍ରଧାନ ପରିଦର୍ଶନ କରିଛନ୍ତି । ମହାପ୍ରଭୁଙ୍କୁ ଦର୍ଶନ ଓ ପୂଜା କରିବା ପରେ ପୀଠର ଉନ୍ନତିକରଣ ପାଇଁ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଇଥିବା ୩୩କୋଟି ଟଙ୍କା ଅନୁଦାନର ବିଭିନ୍ନ ଜନୁଚିକରଣ କାର୍ଯ୍ୟର କେତେଦୂର ଅଗ୍ରଗତି ହୋଇଛି ସେ ନେଇ ଠିକାଦାର ଓ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ସାଂସଦ ଓ ଦୁଇ ବିଧାୟକଙ୍କ ପରିଦର୍ଶନ ସମୟରେ କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି



ମୃତିଚଂଜନ ଦେଓ, ନିଶିନ୍ତକୋଇଲି ଅତିରିକ୍ତ ତହସିଲଦାର ଶିବୁରାମ ସ୍ୱାଇଁ,ଅକ୍ଷୟ କୁମାର ପଦିହାରୀ ଉପସ୍ଥିତ ଥିଲେ । ସମୀକ୍ଷା ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହିତ ପୀଠ ସେବାୟତ,ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ, ଅଦ୍ୟୋତ ପ୍ରେମୀ ଶ୍ରଦ୍ଧାଳୁ,ଗଣମାଧ୍ୟମ ପ୍ରତିନିଧି,ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଧରଣୀଧର ନାୟକ,ସଂଗଠକ ସୁଭାଷ ଦାସ, ଶଶିକାନ୍ତ ମହାନ୍ତି,ମାନୀନେତ୍ରୀ କଳ୍ପନା ଲେଙ୍କାଙ୍କ ସମେତ ସାଂସଦ ଓ ଦୁଇ ବିଧାୟକଙ୍କ ସମ୍ପର୍କିତମାନେ ଉପସ୍ଥିତ ଥିଲେ ।

ରଥଯାତ୍ରାରେ ଏଲଇଡିଟିଭି ବ୍ୟବସ୍ଥା ପାଇଁ ଭୂମି ପୂଜନ ଅନୁଷ୍ଠିତ

ପୁରୀ, ୦୮/୦୬ (ଆ.ପ୍ର) : ଚଳିତ ରଥଯାତ୍ରାରେ ଶ୍ରଦ୍ଧାଳୁ ଓ ଯାତ୍ରୀ ମାନଙ୍କ ସୁବିଧା ପାଇଁ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ବଡଦାଣ୍ଡ ସହ ଜିଲ୍ଲା ଓ ଜିଲ୍ଲା ଜାତୀୟ ରାଜପଥକୁ ସଂଯୋଗ କରୁଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏଲଇଡି ଟିଭି ର ବ୍ୟବସ୍ଥା କରାଯାଉଛି । ଲାଗିବାକୁ ଥିବା ୬୫ ଗୋଟି ଏଲ ଇ ଡି ଟିଭି ଦାୟିତ୍ୱ ନେଇଥିବା ଓଟିମୋ ଲିକୁଆଇଡ ସଂସ୍ଥା ସ୍ଥାପନ ସହ ରକ୍ଷଣାବେକ୍ଷଣ ଦାୟିତ୍ୱ ନେବେ । ଏହି ପରିପ୍ରେକ୍ଷୀରେ ସୋମବାର ପୂର୍ବାହ୍ନରେ ଶ୍ରୀମନ୍ଦିର ଦକ୍ଷିଣ ପାର୍ଶ୍ୱ ଦ୍ୱାର କୌଶଲ୍ୟା ଦାସ ମଠ ନିକଟରେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ଭୂମି ପୂଜନ କରିଥିଲେ । କାର୍ଯ୍ୟକ୍ରମରେ କୌଶଲ୍ୟା ଦାସ ମଠ ମହନ୍ତ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଓଟିମୋ ଲିକୁଆଇଡର ମୁଖ୍ୟ ବି କେ ସ୍ୱାଇଁ, ଜ୍ୟୋତିନେସର ମ୍ୟାନେଜର ସୁଶୀଳ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ ।

ପିକଅପ୍ ଓଲଟି ଦୁଇ ମୃତ, ୨୫ରୁ ଊର୍ଦ୍ଧ୍ୱ ଆହତ

ପାଟପୁର, ୦୮/୦୬ (ଆ.ପ୍ର) : ଗତକାଲି ସନ୍ଧ୍ୟାରେ ଗଜପତି ଜିଲ୍ଲା ମହେନ୍ଦ୍ରଗିରି ଠାରେ ଆୟୋଜିତ ମହେନ୍ଦ୍ର ମେଳା ଦର୍ଶନ ସାରି ଫେରିବା ବେଳେ ଜରଡ଼ା ଥାନା ଅନ୍ତର୍ଗତ ଅଣଅଣ୍ଡା ନିକଟରେ ଭାରସାମ୍ୟ ହରାଇ ଗୋଟିଏ ପିକଅପ ଭ୍ୟାନ ଓଲଟି ପଡିଥିଲା । ଫଳରେ ଦୁଇ ଜଣଙ୍କ ମୃତ ଘଟିଥିବା ବେଳେ ୨୫ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ । ମୃତକ ଦୁଇ ଜଣ ଚିଙ୍କିଟୀ ଦିଷ୍ଟାପିତ ଅଂଚଳ ପରିଷଦର ଶୁଣ୍ଡ ଗ୍ରାମର ଲୁଜି ବେହେରା । ସେହିପରି ଆହତ ସମସ୍ତେ ଚିଙ୍କିଟୀ ଏନ୍‌ଏସି ଅନ୍ତର୍ଗତ ନୂଆଁସାଣ୍ଡିର ବାସିନ୍ଦା ବୋଲି ଜଣାପଡ଼ିଛି । ମିଳିଥିବା ସୂଚନା ଅନୁସାରେ ଏକ ପିକଅପ ଭ୍ୟାନରେ ପ୍ରାୟ ୩୦ ରୁ ଊର୍ଦ୍ଧ୍ୱ ଲୋକ ଗଜପତି ଜିଲ୍ଲା ମହେନ୍ଦ୍ରଗିରି ମେଳା ଦର୍ଶନ ସାରି ଫେରିବା ସମୟରେ ଗତକାଲି ସନ୍ଧ୍ୟାରେ ଜରଡ଼ା ଥାନା ଅନ୍ତର୍ଗତ ଅଣଅଣ୍ଡା ନିକଟରେ ଉକ୍ତ ଭ୍ୟାନଟି ଭାରସାମ୍ୟ ହରାଇ ରାସ୍ତା କଡକୁ ଓଲଟି ପଡିଥିଲା । ଫଳରେ ପିଛପଟ ଭ୍ୟାନରେ ବସିଥିବା ସମସ୍ତ ଯାତ୍ରୀ ଆହତ ହୋଇଥିବା ବେଳେ ଘଟଣା ସ୍ଥଳରେ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକେ, କିଛି ଯୁବକ ଗୋଷ୍ଠୀ, ପୁଲିସ ଓ ଅଗ୍ନିଶମକ ମିଳିତ ଚେଷ୍ଟା ସମସ୍ତ ଆହତଙ୍କୁ ଉଦ୍ଧାର କରି ଅଟୋ ଯୋଗେ ପ୍ରଥମେ ଜରଡ଼ା ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରୁ ସମସ୍ତଙ୍କୁ ପାଟପୁର ମେଡିକାଲକୁ ବିଭିନ୍ନ ଗାଡ଼ି ମାଧ୍ୟମରେ ପଠାଯାଇଥିଲା । ପରେ ପାଟପୁର ମେଡିକାଲରେ ସମସ୍ତ ଆହତ ମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଆହତ ମାନଙ୍କୁ ଆମ୍ବୁଲାନ୍ସ, ସରକାରୀ ଓ କିଛି ବେସରକାରୀ ଯାନବାହନରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ବ୍ରହ୍ମପୁର ମେଡିକାଲ ଠାରେ ଚିକିତ୍ସାଧୀନ ଅଛନ୍ତି ଏହି ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି । ଅନ୍ୟ ପକ୍ଷରେ ସଡ଼କ ଦୁର୍ଘଟଣାଗ୍ରସ୍ତ ଜଣା ଶୁଣି ସ୍ଥାନୀୟ ଅଂଚଳର ବହୁ ଯୁବ ଗୋଷ୍ଠୀ, ଚିକିତ୍ସା ବିଭାଗ ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀବୁଧ ଦେଓ ଓ ପାଟପୁର ଗ୍ରାମର ବହୁ ସ୍ୱେଚ୍ଛାସେବୀ, ପାଟପୁର ସରସଂଘ ପାଟପୁର ମେଡିକାଲରେ ପହଂଚି ଆହତଙ୍କୁ ଚିକିତ୍ସା ଓ ସ୍ଥାନାନ୍ତରରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ଜରଡ଼ା ପୋଲିସ ପକ୍ଷରୁ ତଦନ୍ତ ଜାରି ରଖିଥିବା ନେଇ ଜରଡ଼ା ଥାନା ଅଧିକାରିଣୀ ମିନାକ୍ଷୀ ଦଳବେହେରା ସୂଚନା ଦେଇଛନ୍ତି । ଅନ୍ୟ ପକ୍ଷରେ ଅଣଅଣ୍ଡା ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଦୁଇ ଜଣଙ୍କ ପରିବାର ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଗିରିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ତାରିଣୀ ପାଢ଼ୀଙ୍କ ମୃତଦେହ ଠାବ

ପାଟପୁର, ୦୮/୦୬ (ଆ.ପ୍ର) : ବ୍ରହ୍ମପୁର ପୋଲିସ୍ ଜିଲ୍ଲା ଜରଡ଼ା ଥାନା ଅନ୍ତର୍ଗତ ଗୋଠ ଗାଁ ନିକଟସ୍ଥ ଏକ ବିଲରୁ ଗତକାଲି ଠାରୁ ନିଖୋଜ ଥିବା ତେଡିଳାପୁର ଶାସନ ଗ୍ରାମର ତାରିଣୀ ପାଢ଼ୀ (୫୫)ଙ୍କ ମୃତ ଦେହ ଠାବ କରାଯାଇଛି । ତାରିଣୀ ପ୍ରଥମ ଦିନ ଠାରୁ ନିଖୋଜ ଥିବା ତାରିଣୀଙ୍କୁ ତାଙ୍କ ବନ୍ଧୁ ସମ୍ପର୍କୀୟମାନେ ଖୋଜା ଖୋଜି କରୁଥିବା ବେଳେ ଲୋକାସି ସନ୍ଧାନ ପାଇନଥିଲେ । ଗୋଠ ଗାଁ ନିକଟସ୍ଥ ଏକ ବିଲରେ ଏକ ମୃତ ଦେହ ପଡ଼ିଥିବା କିଛି ଲୋକ ଦେଖିବା ପରେ ତାରିଣୀ ପାଢ଼ୀଙ୍କ ପରିଚୟ ଓ ଠିକଣା ଲୋକଲୋଚନାକୁ ଆସିଥିଲା । ଖବର ପାଇ ଜରଡ଼ା ଥାନା ପୋଲିସ୍ ଘଟଣା ସ୍ଥଳରେ ପହଂଚି ତଦନ୍ତ କରୁଥିବା ବେଳେ ତାରିଣୀଙ୍କ ଦୃଷ୍ଟି ଶକ୍ତି କମ୍ ଥିବା ତାଙ୍କ ବନ୍ଧୁ ସମ୍ପର୍କୀୟ ମାନେ କହିଛନ୍ତି । ଦୃଷ୍ଟି ଶକ୍ତି ଅଭାବରୁ ତାରିଣୀ ଚିଲରେ ଚାଲି ଚାଲି ଯାଇଥିଲେ, ଅଂଶୁଆଚର ଶିକାର ହୋଇ ମୃତ୍ୟୁ ବରଣ କରିଥିବା ସ୍ଥାନୀୟ ଲୋକେ କହୁଥିବା ବେଳେ ତଦନ୍ତ ପରେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଆଶା କରାଯାଉଛି ।

ଭଦ୍ରକରେ ଜଳବାୟୁ-ସହନଶୀଳ ୱାସ୍ ପଦକ୍ଷେପ ଉପରେ ଶିକ୍ଷଣ ଓ ଅନୁଭୂତି ବିନିମୟ କର୍ମଶାଳା

ଭଦ୍ରକ, ୦୮/୦୬ (ଆ.ପ୍ର) : ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟ ପରିପ୍ରେକ୍ଷୀରେ ଜଳ, ପରିମଳ ଓ ସ୍ୱଚ୍ଛତା (ୱାସ୍) କାର୍ଯ୍ୟସୂଚୀକୁ ଅଧିକ ସହନଶୀଳ ଓ ସ୍ଥାୟୀ କରିବା ଉଦ୍ଦେଶ୍ୟରେ ଓ୍ୱାଟରଏଡ୍ ଇଣ୍ଡିଆ ପକ୍ଷରୁ ହଜିଶ ଏବଂ ବିନା ଶାଖା ଫାଉଣ୍ଡେସନ୍‌ର ସହଯୋଗରେ ଭଦ୍ରକରେ ଏକ "ଜଳବାୟୁ-ସହନଶୀଳ ୱାସ୍ ପଦକ୍ଷେପ ଉପରେ ଶିକ୍ଷଣ ଓ ଅନୁଭୂତି ବିନିମୟ କର୍ମଶାଳା" ଆୟୋଜିତ ହୋଇଥିଲା । ଏହି କର୍ମଶାଳାରେ ଭଦ୍ରକ ଜିଲ୍ଲାପାଳ ଜିଲ୍ଲାପାଳ ରାଜତରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓ୍ୱାଟରଏଡ୍ ଦ୍ୱାରା ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜଳବାୟୁ-ସହନଶୀଳ ୱାସ୍ ପଦକ୍ଷେପଗୁଡ଼ିକର ପ୍ରଶଂସା କରିଥିଲେ । ବିଶେଷକରି ଘୁଣିଝଡ଼ ଆଶ୍ରୟସ୍ଥଳ ଭାବେ ଚିହ୍ନଟ ବିଦ୍ୟାଳୟଗୁଡ଼ିକରେ ଜଳବାୟୁ-ସହନଶୀଳ ୱାସ୍ ଭିତ୍ତିଭୂମି ନିର୍ମାଣ, ଉଚ୍ଚ ଭିତିରେ ନଳକୂପ ସ୍ଥାପନ, ଧୂସର ଜଳ ପରିଚାଳନା ବ୍ୟବସ୍ଥା, ବର୍ଷାଜଳ ସଂଗ୍ରହ ଓ ସଂଚୟ ଜଂଗଲ ଏବଂ ସମୁଦାୟ ସ୍ତରରେ ସଚେତନତା କାର୍ଯ୍ୟକ୍ରମ ଭଳି ଉଦ୍ୟମଗୁଡ଼ିକୁ ସେ ସ୍ୱାଗତ କରିଥିଲେ ।

ପ୍ରତିଦିନ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୯ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ମଣିଷ ପଣିଆ

ମଣିଷଗୁଡ଼ା କ'ଣ ହେଉଛି ମ ! 'ଖୁର ଉଠୁରିଲେ କୁଳିରେ ପଶେ, ମଣିଷ ଉଠୁରିଲେ ଗାଡରେ ପଶେ' । ଉଠୁଲୁଥିବା ଖୁର ତ କୁଳିରେ ପଶିବା ଏକ ବାଧ୍ୟ ପରିଣତି । ମାତ୍ର ଉଠୁଲା ମଣିଷ ଆହୁରି ହୀନାବସ୍ଥା ଭୋଗ କରେ । କୁଳରେ ଶବ ସତ୍କାର ସମ୍ଭାଳ ବି ତାକୁ ମିଳିନଥାଏ । ପୋଡ଼ା ଯାଇଥାଏ କି ମାଟିରେ ମିଶେ, କି କୁକୁର ବିଲୁଆ ଓ ଶାଗୁଣାଙ୍କ ଖାଦ୍ୟ ହୋଇଥାଏ । କେଡ଼େ କେଡ଼େ ପରାଜ୍ରମଶାଳୀଙ୍କ ଏ ଅବସ୍ଥା ତ ହୋଇଛି ? ରାବଣ, ଜଂସ, ହିରଣ୍ୟକଶିପୁ ଓ କୌରବ ଶତ୍ରେରାଜଙ୍କ କଥା ଦେଖୁନା ! କୋଡ଼ିଏ ହାତ, ଦଶ ମୁଣ୍ଡର ମଣିଷଟାଏ । ବେଦ ପଣ୍ଡିତ ବି । ବିଶ୍ୱଜୀତ ଗଣିତ ପୁଅ । ପାଣ୍ଡିତ୍ୟପୂର୍ଣ୍ଣ ଶିବତାଣ୍ଡବ ସ୍ତୋତ୍ରର ରଚୟିତା । ସବୁ ପୁଲର ନିର୍ଯାସ ବା ଅର୍କଳାଙ୍କି ଔଷଧ ତିଆରି କରିବାର ବିଚିତ୍ର ଆୟୁର୍ବେଦ ବିଜ୍ଞାନ, ଏବେ କି ଦିବ୍ୟଦର୍ଶନ ହୋଇଥିବା 'ଅର୍କ ଚାପିକା' ପୁସ୍ତକର ରଚୟିତା ବି ସେ । ଶିବଙ୍କର ପରମ ଭକ୍ତ । ଶ୍ରୀଲଙ୍କାରୁ ପ୍ରତିଦିନ ସେ ହିମାଳୟସ୍ଥ ଶିବ ମନ୍ଦିର ଦର୍ଶନ ପାଇଁ ସ୍ୱର୍ଗରୁ ସ୍ୱୀୟ ପୁଷ୍ପକ ବିମାନରେ ଯାଉଥିଲେ । ସେ ବିମାନର ଚାଳକ (ପାଇଲଟ) ନ ଥିଲେ କି ଅଧା ବାଟରେ ତା ତେଲ ସରି ଯାଉନଥିଲା । ଦୁର୍ଘଟଣାର ପ୍ରଶ୍ନ କାଇଁ ? ଯେ ଥିଲା ଭାରତୀୟ ବୈଜ୍ଞାନିକ କଳା କୌଶଳର ଏକ ନିଦର୍ଶନ । କାଇଁ ସେମିତି ବ୍ୟୋମଯାନ ଏ ବିଜ୍ଞାନୀ ପଣ୍ଡିତ କୋଉ କଲେଣି ? ଏ ବିମାନରେ ବସିବା ପୂର୍ବରୁ ଜୀବନଚର୍ଯ୍ୟା ନବୀକରଣ କଥା ଲୋକେ ଭାବୁନଥିଲେ । ତଥାପି ମଧ୍ୟ ରାବଣଙ୍କ ଦୟନୀୟ ମୃତ୍ୟୁ ହେଲା ନା ନାଇଁ ମ ? ଶିବଙ୍କର ଏତେ ଭକ୍ତ, ସେ କୁ ତାକୁ ରକ୍ଷା ପାରିଲେ ? ଓଲଟି ରାବଣଙ୍କ ଔଦ୍ଧତ୍ୟରେ ବିଷଣ୍ଣ ହୋଇ, ତାଙ୍କ ଆଶୀର୍ବାଦ ଓ ଦାନର ଅପବ୍ୟବହାର, ବିଶ୍ୱାସଘାତକତା ଓ କ୍ରୁରତ୍ୱତା ହେତୁ ତାକୁ ମାରିବାକୁ ଶ୍ରୀ ହନୁମାନ ରୂପ ପରିଗ୍ରହ କଲେ । ତୁଳସୀ ଦାସ ତ ଲେଖିଲେ ''ଶଙ୍କର ସୁବନ କେଶରୀନନ୍ଦନ, ତେଜ ପ୍ରତାପ ମହାଜଗ ବନ୍ଦନ....''ରାବଣ, କୌରବ ଓ ବଳି ବିଷୟରେ ଆଉ ବି କୁହାଯାଇଛି, ''ଅତିଦର୍ପେ ହତା ଲଙ୍କା ଅତିମାନେ ଚ କୌରବାଃ ଅତିଦାନେ ବଳିର୍ବଦ୍ଧଃ ସର୍ବମତ୍ୟନ୍ତ ଗର୍ହିତମ୍'' । ଊଣ୍ଣତ୍ୟ, ହିଂସାର ପରିଣତି ସବୁଜାଳେ ଉଠୁରା ଖୁର ଅତସ୍ତାର ଉଦାହରଣ ଏ ଆର୍ଯ୍ୟ ସଂସ୍କୃତି ଓ ସଂସ୍କାରରେ ଖୁବ୍ ହୋଇ ରହିଛି । ଆଜିର ଗରିଲା ଯୁଦ୍ଧ, ଛାୟା ଯୁଦ୍ଧ, ବିଶ୍ୱାସଘାତକତା ଓ ନିଷ୍ଠୁର ଦାଉଁଆ ପରିଆର ଏକ ଉଦାହରଣ । ଏଥି ଜଣେ ଶତ୍ରୁର ଦୁର୍ବଳତା ଖୋଜେ, ଦୁର୍ବଳ ମୁହୂର୍ତ୍ତକୁ ଅପେକ୍ଷା କରିଥାଏ । ''ନଇଁ ପଡ଼ିହବା ବେଳେ, ବିଧାଏ ମାରିବ ବଳେ'' । ଏ ଗୁଡ଼ାକୁ ଲାପୁରୁଷ, ଦାଉଆଁ କୁହାଯାଏ । ସେଥିପାଇଁ ଯୁଦ୍ଧ ?କ୍ଷେତ୍ରରେ ଯଦି ଶତ୍ରୁପକ୍ଷର ଛେଡ଼ି ନିରସ୍ତ୍ର ହୋଇଗଲା, ତେବେ ତାକୁ ଅସ୍ତ୍ର ନ ମିଳିକା ଯାଏ, ତା' ଉପରକୁ ଅସ୍ତ୍ର ବର୍ଷଣ କାସୁରୁଷ୍ଠତା ଓ ଯୁଦ୍ଧ ନିୟମ ବଳିର୍ଗତ ଥିଲା । ଅଭିଶାପରେ ରଥଚକ୍ର ବଳିର୍ଯିବାର ସୁଯୋଗରେ ଅର୍ଜୁନ ଶର ପ୍ରହାର ନ କରିଥିଲେ କର୍ଣ୍ଣଙ୍କୁ ମାରିବା ସମ୍ଭବ ହୋଇ ନଥାନ୍ତା । ଚାଗ ତାଙ୍କଠେଁଠି ସିନା ଲାଗିଲା, ମାତ୍ର ''ଆପେ ଚଂଲେ ଚାପର ନାଁ'' ଧ୍ୱନିକୁ ଆପେକ୍ଷରେଲେ । ଲାଷ୍ଟ ପିଚାମହଙ୍କ ଅବସ୍ଥା ବି ସେଇଆ । ଶିଖଣ୍ଡୀକୁ ତାଙ୍କ ସମ୍ମୁଖକୁ ପଠାଇ, ତାକୁ ତାଙ୍କ ପ୍ରତିଜ୍ଞା ଅନୁଯାୟୀ ନିରସ୍ତ୍ର କରାଗଲା ଓ ତା'ରି ସୁଯୋଗ ଏ ଅର୍ଜୁନ ନେଲେ । ଏକୁ ପୁରାଣର କାଳ୍ପନିକ କଥା କହି ତମେ ଉଡ଼େଇ ଦବତ । ଆଉ, ତମ ଇତିହାସକୁ ଦେଖୁନା ! ପ୍ରବଳ ପରାକ୍ରମଶାଳୀ, ରୁଷ ସାମ୍ରାଜ୍ୟର ପ୍ରତାପୀ ସମ୍ରାଟ ଓ ପୃଥିବୀର ସବୁଠାରୁ ଧନୀ ସମ୍ରାଟ ଜା ?ଙ୍କ ମୃତ୍ୟୁ କେଡ଼େ ଦୟନୀୟ ଦେଖୁନା ! ଆରେ ନିଜ ଜୀବନକୁ ବିପନ୍ନ କରି ସାହାଯ୍ୟ କରିବା, ଦାନ ଦେବା ହିଁ ପୁକୁର ସାହାଯ୍ୟ ଓ ଦାନ । ବନ୍ୟା ବାତ୍ୟାରେ ଲୋକେ ମରେ, ଭୂକମ୍ପରେ ଶହଶହ ସଲିଳ ସମାଧି ଲଭିଲେ । ରାଜନୈତିକ ଖୋଳି ଦେଉଛ । ସେବାର କେତେପ୍ରକାର ଫଟୋଲୋ ! ବୋପା ! ମାତ୍ର ଯେଉଁଠି ଜନତାଙ୍କ ଦୁର୍ବଳତାର ସୁଯୋଗ ନେଇ ନରସଂହାର ଏଇ ନରନୃପୀ ରାକ୍ଷସମାନେ ଚଳାଇଥାନ୍ତି, ସେଥିକୁ ଏକ ଦାଢ଼ୁଆ ହାତ ଓ ପଛରୁ ଦାଢ଼ୁ କେମିତି ପକ୍ଷାଘାତ ହୋଇଯାଉଛି ? ଏବେ ଦେଖୁନ, ତମ ଚାଲିବାନ କି ଜାଲିବାନ କଥା ।

ଆତ୍ମହତ୍ୟା ଏକ ବ୍ୟାଧି ନା ମାନସିକତା

॥ ମନୋଜ କୁମାର କର ॥

ମୁଦ୍ରିତ ଖବରକାଗଜ ପଢିବା ମୋର ପିଲାଦିନର ଏକ ଅଭ୍ୟାସ,ଯାହାକି ଏବେଯାଏଁ ଚାଲିଆସିଛି । ଯାହା ପରିବର୍ତ୍ତନ ହୋଇଛି,ତାହା ହେଉଛି ପରିବେଷିତ ଖବର । ପିଲାଦିନେ ମୁଁ ଯେତେବେଳେ ଖବରକାଗଜ ପଢୁଥିଲି, ପ୍ରାୟତଃ ଖବର ରାଜନୈତିକ କିମ୍ବା ଦେଶର ଚିନ୍ତିନ୍ତ ପ୍ରାନ୍ତରରେ ହେଉଥିବା ମୁଖ୍ୟ ଘଟଣାବଳୀ । କିନ୍ତୁ ଏବେ କିଛି ନୂଆ ଖବର, ପ୍ରାୟତଃ ସବୁଦିନ ନଜରକୁ ଆସୁଛି, ଯାହାକି ବହୁତ ବିଚଳିତ କରୁଛି । ବର୍ତ୍ତମାନର ସମୟରେ ଆତ୍ମହତ୍ୟାର ପରିମାଣ ବହୁତ ହୋଇଯାଇଛି ।କିଛିଦିନ ତଳେ ଏମିତି ଏକ ଘଟଣା ପ୍ରକାଶ ପାଇଥିଲା,ଯାହା ହୃଦୟକୁ ଆନ୍ଦୋଳିତ କରିଥିଲା ।ସ୍ୱାମୀ,ସ୍ତ୍ରୀ ଓ ଦୁଇପିଲାଙ୍କୁ ନେଇ ଥିବା ଏକ ପରିବାର କିଛି ଘରୋଇ ଅସୁବିଧାର ସମ୍ମୁଖୀନ ହୋଇଥିଲେ ଏବଂ ସେହି ସମସ୍ୟାରେ ଜଡିତ ହୋଇ ସ୍ତ୍ରୀ ଜଣକ ଆତ୍ମହତ୍ୟା କରିଥିଲେ ।ଆଉ ଏହି ଘଟଣାର କିଛି ଦିନ ପରେ ନିଜର ଛୋଟ ଦୁଇ ପିଲାଙ୍କୁ ବିଷ ପିଆଇ ସ୍ୱାମୀ ନିଜେ ବି ବିଷ ପିଇ ଆତ୍ମହତ୍ୟା କଲେ ।ଅବଶ୍ୟ ସେମାନଙ୍କର ସମସ୍ୟାରେ ବିଶେଷ କିଛି ବର୍ତ୍ତମାନ ନଥିଲା ।କିନ୍ତୁ ଯାହା ସହଜେ ଅନୁମେୟ କି କିଛି ବହୁତ ଗମ୍ଭୀର ଓ ଜଟିଳ ସମସ୍ୟା ଥିବ,ସେଇଥିପାଇଁ ଗୋଟିଏ ବାପା ତାର ଛୋଟ ଦୁଇ ପିଲାଙ୍କୁ ହତ୍ୟା କରି ନିଜେ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଯାଇଥିଲେ ।ଏମିତି ଆହୁରି ବହୁତ ଉଦାହରଣ ସବୁ ଅଛି ଯେମିତି କି ପରୀକ୍ଷାରେ ଇଚ୍ଛାନୁରୂପ ସଫଳତା ନପାଇପାରିଲେ ଛୋଟଛୋଟ କୋମଳମତି ଛାତ୍ରଛାତ୍ରୀ ମାନେ ଆତ୍ମହତ୍ୟାର ରାସ୍ତା ଆପଣାଇ ନିଅନ୍ତି । ଏମିତିକି କିଛି ଖବର ନଜରକୁ ଆସିଥିଲା କି ଘରେ ମୋବାଇଲ ଦେଖିବାପାଇଁ ମାଂଚ ବାଉଣରେ ଅସମ୍ମତି ହୋଇ ଜଣେ କୋମଳମତି ଛାତ୍ରୀ ଏମିତି ଏକ ଚରମ ପଦକ୍ଷେପ ନେଇଥିଲେ ।

ତେବେ ସ୍ୱତଃ ମନରେ ପ୍ରଶ୍ନ ଆସେକି ଏବେ ପୂର୍ବ ଅପେକ୍ଷା ସମସ୍ୟା ଜଟିଳ ହୋଇଯାଇଛି ଯାହାର କୌଣସି ସମାଧାନ ନାହିଁ,ନା ଲୋକମାନଙ୍କର ମାନସିକତାରେ ଏମିତି ପରିବର୍ତ୍ତନ ଆସିଯାଇଛି କି ସେମାନେ ଆଉ ସମସ୍ୟାକୁ ସାମନା କରିପାରୁନାହାନ୍ତି ।ମୋର ଜଣେ ବହୁତ ବନ୍ଧୁଙ୍କ ସହିତ ବାର୍ତ୍ତାଳାପ ହେବେ ମୁଁ ଏହି ପ୍ରଶ୍ନ ତାଙ୍କୁ ପଚାରିଥିଲି କି ଆତ୍ମହତ୍ୟା ଏକ ବ୍ୟାଧି ନା ମାନସିକତା ।ସେ ମୋତେ ବହୁତ ସୁନ୍ଦର ଭାବେ ବୁଝାଇଥିଲେ ।ପ୍ରକୃତ କଥା ହେଉଛି ଏବେ ବିଜ୍ଞାନର ଉନ୍ନତି ସହିତ ଂଂଚିବାର ଶୈଳୀରେ ବି ବହୁତ ପରିବର୍ତ୍ତନ ଆସିଛି ।ଯେମିତିକି ପୂର୍ବେ ଆମେ ଦିନା ବିଦ୍ୟୁତରେ ରହିପାରୁ ଥଲେ ।ବାସ,ଲାଞ୍ଚ ମାଧ୍ୟମରେ ପାଠ ପଢୁଥିଲେ ।ଦିନା ପଂଖାରେ ବି ଘରର ଛାତ ଉପରେ ଶୋଇ ପାରୁଥିଲେ ।କିନ୍ତୁ ଆଜିର ଗୋଟିଏ ଛୋଟ ପିଲାକୁ ଆମେ ପଚାରିବାକି ବିନା ବିଦ୍ୟୁତରେ ସେ କେତେଦିନ ରହିପାରିବ ତ ଉତର ମିଳିବ,ବିନା ବିଦ୍ୟୁତରେ କେମିତି ରହିବା ମୁଁ ଜାଣିନି ।ଏହି ଯେଉଁ ପରିବର୍ତ୍ତନ ଆସିଛି ତାହା ମାନସିକତାକୁ ପ୍ରଭାବିତ କରୁଛି ।ସବୁ କିଛି କୁ ହାତପାଆନ୍ତରେ ପାଇବାର ଏକ ଅଭ୍ୟାସ ଆମ ଭିତରେ ଥିଆରି ହୋଇଯାଇଛି ।ଏହି ମାନସିକତା ଧୀରେ ଧୀରେ ସମସ୍ୟା ସହିତ ଲଢିବାର କ୍ଷମତା ହ୍ରାସ କରୁଛି ।ପୁରା ଦୁନିଆରେ ଏମିତି କେତିଟି ଜଣାହେ ଯିଏକି ସମସ୍ୟା ସହିତ ଜଡିତ ନଥିବେ ।ଏହାର ଅର୍ଥ ସମ୍ମୁଖେ କଣ ଆତ୍ମହତ୍ୟା କରିବେକା ନା ସମସ୍ୟା ସହିତ ଲଢିବା ।ଆମ ପାଖରେ ଏମିତି ବି ଉଦାହରଣ ଅଛି ଯେ ଜଣେ ଯୁବକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ, କିନ୍ତୁ ସେ ନିରାଶ ହେଲାନି ।ସେ ଆଉ ଥରେ ପରୀକ୍ଷା ଦେଇ ସଫଳତା ହାସଲ କରିଲେ ।ଆଉ ଜଣେ ଯୁବକ ପରୀକ୍ଷାରେ ଅକୃତକାର୍ଯ୍ୟ ହୋଇଥିଲେ, କିନ୍ତୁ ସେ ନିରାଶ ହେଲାନି ।ସେ ଆଉ ଥରେ ପରୀକ୍ଷା ଦେଇ ସଫଳତା ହାସଲ କରିଲେ ।ଏହି ଦୁଇ ଜଣ ପ୍ରଥମ ପ୍ରଯାସରେ ବିଫଳ ହେଲେ ।ଆଉ ଜଣେ ଯୁବକ ଯିଏକି ଅତି ଦରିଦ୍ର ପରିବାରର ପୁଅ ।ସେ ଦିନ ମଜୁରୀ କରି ପଢୁଥିଲେ ।ସେ ଦିନ ମଜୁରୀ କରି ପଢୁଥିବା ଛାତ୍ର ଜଣକ ଆଜି ଜଣେ ଉଚ୍ଚ ପଦସ୍ଥ ଅଫିସର ।ଏହି ଉଦାହରଣ ଗୁଡ଼ିକ ଆମ ପାଖରେ ଅଛି ।ଆଉ ଏହି ଭଳି ଅନେକ ଉଦାହରଣ ଅଛି ।ଆଜିର ଯୁବକ ଯୁବତୀ ଏବେ ଏମିତି ଅଳ୍ପ ସମୟରେ ଅଳ୍ପ ଲାଭ ପାଇବାକୁ ଚାହାନ୍ତି ।ଏହା ଏକ ପ୍ରକାର ଅଧୈର୍ଯ୍ୟ ।ଏମିତି ମାନସିକତା ଶତ୍ରୁ ।ଏହା ଆମ ପାଇଁ ଅଭିଶାପ

ଆରମ୍ଭ

SEITHO ARAMBHA

ମଙ୍ଗଳବାର, ୯ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଜଗତସିଂହପୁର ଐତିହ୍ୟ ପଦଯାତ୍ରା

ଜଗତସିଂହପୁର, ୦୮/୦୬ (ଆ.ପ୍ର) : ପ୍ରଚଣ୍ଡ ଗ୍ରୀଷ୍ମର ରୌଦ୍ର ତାପକୁ ଖାତିର ନକରି ଜଗତସିଂହପୁରର ପ୍ରାଚୀନ ଐତିହ୍ୟକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟ ନେଇ ଅନୁଷ୍ଠିତ ହୋଇଯାଇଛି 'ଜଗତସିଂହପୁର ଐତିହ୍ୟ ପଦଯାତ୍ରା'ର ୧୬ତମ ଅଧ୍ୟାୟ । ସହର ନିକଟସ୍ଥ ଅନେକ ଅନାଲୋଚିତ ଓ ଉପେକ୍ଷିତ ଐତିହ୍ୟ ସ୍ଥଳୀକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଂଚଳର ବହୁ ଇତିହାସ ପ୍ରେମୀ ସାମିଲ ହୋଇଥିଲେ । ପଦଯାତ୍ରାର ପ୍ରଥମ ପର୍ଯ୍ୟାୟରେ ସଦସ୍ୟମାନେ ଦେଉଳିଗ୍ରାମେଶ୍ୱର ଗ୍ରାମର ପ୍ରାଚୀନ ଗ୍ରାମେଶ୍ୱର ମନ୍ଦିରରେ ପହଂଚିଥିଲେ । ଏଠାରେ ଥିବା ନବମ-ଦଶମ ଶତାବ୍ଦୀର ଶାକ୍ତ, ଶୈବ ଓ ବୈଷ୍ଣବ ଜୀର୍ଣ୍ଣାବି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ମନ୍ଦିର ପରିସରରେ ଥିବା ଚାମୁଣ୍ଡା, ଗଣେଶ, ବରାହ, ନାଗାୟଣ ଏବଂ ଆଷ୍ଟିକ ଜରତ୍କାରୁଙ୍କ ଭଳି ଦୁର୍ଲଭ ପ୍ରାଚୀନ ମୂର୍ତ୍ତି ଓ ଉତ୍ସାହଶେଷର ସୁରକ୍ଷା ନିମିତ୍ତେ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରାଯାଇଥିଲା । ପରବର୍ତ୍ତୀ ସମୟରେ ପଦଯାତ୍ରୀ ମାନେ ଖେରସ ଅଂଚଳରେ ଥିବା ଚଣ୍ଡିକା ମନ୍ଦିର ପରିଦର୍ଶନ କରିଥିଲେ । ଏଠାରେ ଅଢେଇପାଦ ଭୈରବ, ଗଣେଶ, ବୌଦ୍ଧ ଦେବୀ ତାରା ଏବଂ ମୁଖ୍ୟ ଦେବୀ ଭାବେ ପୂଜିତ ଅର୍ଦ୍ଧନଗ୍ନ ପ୍ରେତବାହିନୀ ଚାମୁଣ୍ଡାଙ୍କ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ଏହି ସ୍ଥାନର ଚାରିଟି ମୂର୍ତ୍ତିଙ୍କୁ ନେଇ ଗବେଷଣାତ୍ମକ ମତ ରଖିଥିଲେ ଅଂଶଗ୍ରହଣକାରୀମାନେ । ଶେଷରେ, ସୁବର୍ଣ୍ଣ ବରାହୀ ମନ୍ଦିର ପରିସରରେ ଅଧ୍ୟାପକ ଭଗବାନ ଦାଶ ମନ୍ଦିରରେ ଥିବା ମା' ପାର୍ବତୀଙ୍କ ପ୍ରାଚୀନ ମୂର୍ତ୍ତି ଏବଂ ବିଭିନ୍ନ ଜୈନ ଓ ବୌଦ୍ଧ କଳାକୃତି ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ପରିଶେଷରେ ପ୍ରସାଦ ସେବନ ପୂର୍ବକ ଏହି ଅଧ୍ୟାୟର ସମାପ୍ତି ଘଟିଥିଲା । ମଧୁସୂଦନ ସାହୁ ଓ ଭଗବାନ ଦାଶଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ସଂଯୋଜକ ଶ୍ରୀଳାନ୍ତ ସିଂହ ପରିଚାଳନା କରିଥିଲେ । ଏହି ଅଭିଯାନରେ ଯୁବ ସଦସ୍ୟ ତ୍ରିଲୋଚନ ସ୍ୱାଇଁ, ଦେବକିଷ୍ଟ ପାତ୍ର, ସମ୍ବିତ ସିଂହ, ସୌର୍ଯ୍ୟପ୍ରକାଶ ନାୟକ, ଗତିରଞ୍ଜନ ପଣ୍ଡା, ଦିନେଶ ସ୍ୱାଇଁ, ଶୁଭମ୍ କୁମାର, ନୀଳାଦ୍ରି ଆଚାର୍ଯ୍ୟ ଓ ରୋହନ ମହାରଣା ସକ୍ରିୟ ସହଯୋଗ କରିଥିଲେ । ଜଲୁଣ୍ଡଯୋଗ୍ୟ ଯେ, ଜଗତସିଂହପୁରର ଏପରି ଅନେକ ବିରଳ କାତିରାଜି ଆଜି ବି ଇତିହାସ ପୃଷ୍ଠାରୁ ବାଦ୍ ପଡ଼ିଛି । ସେଗୁଡ଼ିକୁ ଚିହ୍ନଟ କରି ଲୋକଲୋଚନକୁ ଆଣିବା ଏହି ପଦଯାତ୍ରାର ଏକମାତ୍ର ଲକ୍ଷ୍ୟ ବୋଲି ସଂଯୋଜକ ଶ୍ରୀଳାନ୍ତ ସିଂହ ମତ ରଖିଛନ୍ତି ।

ଦୁର୍ବଳ ଶିକ୍ଷା ବ୍ୟବସ୍ଥାରେ ଆମ୍ଭ ସମୀକ୍ଷା ପରିବର୍ତ୍ତନ ଆଣିପାରିବ କି !

ବଣାଗଁ, ୦୮/୦୬ (ଆ.ପ୍ର) : ଚଳିତ ମାଟ୍ରିକ୍ ପରୀକ୍ଷାରେ ବଣାଗଡ଼ ବ୍ଲକରେ ପାସ ହାର ୯୫ ପ୍ରତିଶତ ହୋଇଥିବା ଦେଖିବାକୁ ମିଳିଥିଲା । କିନ୍ତୁ ଏହି ୯୫ ପ୍ରତିଶତ ଭିତରେ ଉଲ୍ଲେଖନୀୟ କିଛି ନାହିଁ । ଲାଭଣ ୧୧୧୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ମାତ୍ର ଜଣେ ଏ-୧ ଗ୍ରେଡ ପାଇବା ଲଜ୍ଜାଜନକ ପରିସ୍ଥିତି ସୃଷ୍ଟି କରିଛି । ଏହି ନୈରାଶ୍ୟଜନକ ଫଳାଫଳ ପାଇଁ ଜିଲା ଶିକ୍ଷା ଅଧିକାରୀ ସଙ୍ଗେସଙ୍ଗେ ଦୂର୍ବଳ ପ୍ରଦର୍ଶନର ସମୀକ୍ଷା କରେ । ପୂର୍ବରୁ ମାଟ୍ରିକ୍ ପାସ୍ କରିବା ଗର୍ବ ଓ ସମ୍ମାନର ବିଷୟ ଥିଲା । କେହି ପ୍ରଥମ ଶ୍ରେଣୀରେ ପାସ କରେ ଉତ୍କଣ୍ଠିତ ଲୋକେ ତାକୁ ଦେଖିବାକୁ ଆସୁଥିଲେ । ଏବେ କିନ୍ତୁ ଚିତ୍ର ଓଲଟି ଯାଇଛି । ଏବେ ଛାତ୍ରମାନଙ୍କ ମଧ୍ୟରେ ପାସ ଫେଲ ଭୟ ନାହିଁ । ବରଂ ଅଧିକ ନମ୍ବର ପାଇବାକୁ ପ୍ରତିଯୋଗିତା ବଢ଼ିଛି । ବଣାଗଁଗଡ଼ ବ୍ଲକରେ ଏ ବର୍ଷ ୧୧୧୯ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ୧୦୮୧ ଜଣ ଉତୀର୍ଣ୍ଣ ହୋଇଛନ୍ତି ଓ ୩୮ ଜଣ ଫେଲ ହୋଇଛନ୍ତି । ଗ୍ରେଡ୍ ଭିତ୍ତିକ ବିଶ୍ଳେଷଣ କରେ ଦେଖାଯିଛି ଯେ ଏଏ ଗ୍ରେଡ ମାତ୍ର ଜଣେ ପାଇଛନ୍ତି । ୧୬ ଜଣ ଏ-୨ ଗ୍ରେଡ, ୩୪ଜଣ ବି-୧ ଗ୍ରେଡ ଓ ୮୭ ଜଣ ବି-୨ ଗ୍ରେଡ ପାଇଛନ୍ତି । ୨୩୫ ଜଣ ସି ଗ୍ରେଡ, ୩୬୮ ଜଣ ଡି ଗ୍ରେଡ ଓ ୩୪୦ ଜଣ ଇ ଗ୍ରେଡ ପାଇଛନ୍ତି । ଏହି ତଥ୍ୟ ପ୍ରମାଣ କରୁଛି ଯେ ପାସ୍ ହାର ଉଚ୍ଚ ଥିଲେ ମଧ୍ୟ ଉତ୍କୃଷ୍ଟ ଫଳାଫଳ ବହୁତ କମ୍ । ଓ ଅଧିକାଂଶ ଛାତ୍ର ନିମ୍ନ ଗ୍ରେଡ଼ରେ ସୀମିତ ଅଛନ୍ତି । ଶିକ୍ଷାବିତଙ୍କ ମତରେ ସରକାରୀ ବିଦ୍ୟାଳୟଗୁଡ଼ିକରେ ପାଠପଢ଼ା ତୁଳନାରେ ବିଭିନ୍ନ କାର୍ଯ୍ୟକ୍ରମରେ ଅଧିକ ସମୟ ବ୍ୟୟ ହେଉଛି । ଶିକ୍ଷକ ଅଭାବ ଓ ଅନେକ ପ୍ରଶାସନିକ କାମରେ ଶିକ୍ଷକମାନଙ୍କ ବ୍ୟସ୍ତତା ମଧ୍ୟ ପଢ଼ାରେ ବାଧା ସୃଷ୍ଟି କରୁଛି । କୋହଳ ମୂଲ୍ୟାୟନ ପ୍ରଣାଳୀ ଛାତ୍ରମାନଙ୍କୁ ପାସ୍ କରାଇବାରେ ସହାୟକ ହେଉଥିଲେ ମଧ୍ୟ ମୂଳ ଜ୍ଞାନକୁ ଦୃଢ଼ କରିପାରୁନାହିଁ । ଏହି ପରିସ୍ଥିତିରେ ପ୍ରଶ୍ନ ଉଠୁଛି ଛାତ୍ରମାନେ କେବଳ ପାସ୍ ହେଉଛନ୍ତି ନା ସତରେ କିଛି ଜ୍ଞାନ ଆହରଣ କରୁଛନ୍ତି । ଯେଉଁଠି ମାଟ୍ରିକ୍ ପରୀକ୍ଷା ପୂର୍ବରୁ ସଂଘର୍ଷ ଓ ସଫଳତାର ପ୍ରତୀକ ଥିଲା, ଆଜି ସେଥିରେ କେବଳ ନମ୍ବରର ପ୍ରତିଦ୍ୱନ୍ଦ୍ୱିତା ଦେଖାଯାଉଛି । ବଣାଗଁଗଡ଼ରେ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ପୁଣି କେବେ ସୁବର୍ଣ୍ଣଯୁଗ ଫେରିବ ବୋଲି ଶିକ୍ଷାପ୍ରେମୀ ପ୍ରଶ୍ନ କରୁଛନ୍ତି । ପ୍ରଧାନ ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା କଥା ଚିନ୍ତା ନକରି ହଷ୍ଟେଲ ଚଳାଇବା, ମଧ୍ୟାହ୍ନ ଭୋଜନ ଯୋଗାଡ଼ କରିବା, ଛାତ୍ରଛାତ୍ରୀଙ୍କ ୟୁନିଫର୍ମ ଯୋଗାଣ, ବର୍ଷ ସାରା ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସମୟ ନଷ୍ଟ କରୁଥିବାରୁ ମାଟ୍ରିକ ଫଳ ଗୁରୁତର ପ୍ରଭାବିତ ହେଉଥିବା ବେଳେ କିଛି ଅସାଧୁ ଶିକ୍ଷକ ବ୍ୟକ୍ତିଗତ ସ୍ୱାର୍ଥରେ ରହି ଶିକ୍ଷାଦାନରୁ ଦୂରେଇ ରହୁଛନ୍ତି ବୋଲି ଅଭିଭାବକ ମହଲ ଖୋଲା ପ୍ରକାଶ କରୁଛନ୍ତି । ସେପରେଟ ଶିକ୍ଷା ମନ୍ତ୍ରୀ ବିଦ୍ୟାଳୟରେ ଶିକ୍ଷାରେ ଅବହେଳା କିମ୍ବା ତ୍ରୁଟି ଦେଖାଗଲେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚାରମ୍ବାର ସତର୍କ କରିଥିଲେ । ବିଦ୍ୟାଳୟ ଭିତ୍ତିଭୂମି ସୁଦୃଢ଼ କରିବା ଠାରୁ ଆରମ୍ଭ କରି ଆବଶ୍ୟକ ସ୍ଥଳ ଉପଲବ୍ଧତା ଓ ସେଗୁଡ଼ିକର ଅବସ୍ଥା ପରୀକ୍ଷା କରାଗଲା । ବିପଦସଙ୍କୁଳ ସ୍ଥଳକୁ ତୁରନ୍ତ ଭାଙ୍ଗିବା ସହିତ ହଷ୍ଟେଲ ଓ ବିଦ୍ୟାଳୟର ଆବଶ୍ୟକତା ସମ୍ପର୍କରେ ଅଧିକାରୀମାନଙ୍କୁ ଚେତାବନୀ ଦିଆଗଲା । ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଛାତ୍ରଛାତ୍ରୀଙ୍କ ଭୟ ଦୂର କରି ସମ୍ପର୍କ ସୃଷ୍ଟି କରି ପାଠ ପଢ଼ାଇବାକୁ ଚାଲିଛି କରାଗଲା । କୌଣସି ବିଷୟରେ ଛାତ୍ରୀଛାତ୍ର ଫେଲ୍ ହେଲେ ସମ୍ପୃକ୍ତ ଶିକ୍ଷକଙ୍କୁ ଦାୟୀ କରାଯିବ ବୋଲି ବୁଝାଗଲା । କିନ୍ତୁ କାର୍ଯ୍ୟାନୁଷ୍ଠାନ ତ ଦୂରର କଥା କୌଣସି ଶିକ୍ଷକ ମାନଙ୍କ ଜିଜରେ ଭୟ ତିକଳ ପ୍ରତିପର୍ଦ୍ଦନ ହେବାର ଦେଖାଗଲା ନାହିଁ । ଏବେ ଅଭିଭାବକ ଏବଂ ଶିକ୍ଷାବିତଙ୍କ ମନରେ ଅନେକ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ଯେ ଆମ୍ଭମାନ ନିଜରେ ଟିପିକ ବିଦ୍ୟାଳୟ ଗୁଡ଼ିକର ଶିକ୍ଷାଦାନ ପ୍ରଣାଳୀରେ ସଂଶୋଧନ କାର୍ଯ୍ୟ ଖସଡ଼ା ପରିବର୍ତ୍ତନ ହେବ ନା ସେହି ଚିରାଚରିତ ଗତାଗ୍ଭାନ ଚାଲିଥିବ ଗାଧା ଆମ୍ଭମାନ ଦିନରେ ଦେଖିବାକୁ ବାକି ରହିଲା ।

ମହାମହିମ ରାଜ୍ୟପାଳଙ୍କ ଦିନିକିଆ ଗଜପତି ଜିଲ୍ଲା ଗସ୍ତ
ମହେନ୍ଦ୍ର ମେଳାରେ ଯୋଗଦେଲେ ମହାମହିମ ରାଜ୍ୟପାଳ

ପାରଳାଖେମୁଣ୍ଡି, ୦୮/୦୬ (ଆ.ପ୍ର) : ବାଳକୃଷ୍ଣ ପଣ୍ଡିଗ୍ରାହୀ : ଆଜି (ସୋମବାର) ଓଡ଼ିଶାର ମହାମହିମ ରାଜ୍ୟପାଳ ଡ଼.ହରିବାବୁ କମ୍ଭପତି ଦିନିକିଆ ଗଜପତି ଜିଲ୍ଲା ଗସ୍ତରେ ଆସି ମହେନ୍ଦ୍ରଗିରିଠାରେ ଆୟୋଜିତ ମହେନ୍ଦ୍ର ମେଳାରେ ଯୋଗଦେଇଥିଲେ । ମହାଯଜ୍ଞର ଅଷ୍ଟମ ଦିବସରେ ସେ ମୁଖ୍ୟ ଯଜ୍ଞକୁଣ୍ଡରେ ପୂଜାର୍ଚ୍ଚନାରେ ସାମିଲ ହେବା ସହିତ ମାତା କୁଷ୍ମା ମନ୍ଦିର ଓ ଗୋକର୍ଣ୍ଣେଶ୍ୱର ପୀଠରେ ଦର୍ଶନ ଓ ପୂଜା କରିଥିଲେ । ପରବର୍ତ୍ତୀ ସମୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜ୍ୟପାଳ ବିଜିନ୍ନ ସ୍ତ୍ରୀକୁ ଆସିଥିବା ସାଧୁସନ୍ତମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ଏବଂ ମହେନ୍ଦ୍ର ମେଳାର ଆଧ୍ୟାତ୍ମିକ ଓ ସାଂସ୍କୃତିକ ମହତ୍ୱ ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ମାନ୍ୟବର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉପସ୍ଥିତ ଥିଲେ । ଉକ୍ତ ମେଳାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଅକ୍ଷୟ ସୁନାଲ ଅଗ୍ରୱାଲ, ଆରଣ୍ଡା ଅଧିକ୍ଷକ ପ୍ରହଲ୍ଲାଦ ସାହୁ ମୀନା, ବନଖଣ୍ଡ ଅଧିକାରୀ ପାଳକାଖେମୁଣ୍ଡି କେ.ମାଗାରାଜୁଙ୍କ ସମେତ ଜିଲ୍ଲାର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ । ପରେ ମହାମହିମ ରାଜ୍ୟପାଳ ଜିରାଙ୍ଗ ସ୍ଥିତ ପଦ୍ମସରସ ମହାବିହାର ଦର୍ଶନ କରି ମନ୍ଦିରର ପୂଜକମାନଙ୍କ ସହ ଆଲୋଚନା କରିଥିଲେ ଏବଂ ବୌଦ୍ଧ ଧର୍ମ ଓ ସାଂସ୍କୃତିକ ଐତିହ୍ୟ ସମ୍ପର୍କରେ ଅବଗତ ହୋଇଥିଲେ ।

ଛତିଆ ଉଚ୍ଚ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ ଭିତି ପ୍ରସ୍ତର ସ୍ଥାପନ

ଛତିଆ , ୦୮/୦୬ (ଆ.ପ୍ର) : ଶିକ୍ଷା କ୍ଷେତ୍ରରେ ଆଦର୍ଶ ଯୋଜନା ଦ୍ୱାରା ବିଦ୍ୟାଳୟର ରୂପଲେଖ ବଦଳିବା ସହ ଶିକ୍ଷା ର ମାନ ବଢାଇବା ପାଇଁ ରାଜ୍ୟ ସରକାର ଦିଲିନ୍ନ ବିଦ୍ୟାଳୟରେ ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟର ଭିତି ପ୍ରସ୍ତର ସ୍ଥାପନ ଆଜି ମୁଖ୍ୟମନ୍ତ୍ରୀ ଅଭାସି ମାଧ୍ୟମରେ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜି ଛତିଆ ଉଚ୍ଚ ବିଦ୍ୟାଳୟ ଏଥିରେ ସାମିଲ ହୋଇଛି । ଏହି କାର୍ଯ୍ୟକ୍ରମ ରେ ବିଧାୟକ ଅମଳ କୁମାର ନାୟକସାମିଲ ହୋଇ ଏହି ଯୋଜନା ସମ୍ପର୍କ ରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡ ଅଭୟ କୁମାର ବେହେରା, ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ମଞ୍ଜରୀ ନାଥ, ସରପଂଚ ରମେଶ ରୁଦ୍ର ପୃଷ୍ଟି, ସମିତି ସଭ୍ୟ ଦୀପକ କୁମାର ସାହୁ, ସିଆର ଡିସି କିର୍ତ୍ତୀ ରୁଦ୍ର ମହାନ୍ତିପ୍ରମୁଖ ଉପସ୍ଥିତ ଥିଲେ । ଏଥିସହ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ, ଛାତ୍ର, ଛାତ୍ରୀ ଓ ଅଂଚଳର ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ ।

ଲିଖିତ ପ୍ରତିଶ୍ରୁତି ନମିଳିଲେ ହେବ ଅନିର୍ଦ୍ଦିଷ୍ଟ କାଳ ପାଇଁ ରାସ୍ତାରୋକ

ବଣପଲ୍ଲୀ, ୦୮/୦୬ (ଆ.ପ୍ର) : ଗଣିଆ ଠାରୁ ଜଳପାଟ ରାସ୍ତାର ନିର୍ମାଣ କାର୍ଯ୍ୟକୁ ଶୀଘ୍ର କାର୍ଯ୍ୟକାରୀ କରିବା ଦାବିରେ ଅଂଚଳରେ ଏକ ବଡ଼ଧରଣର ଜନଆନ୍ଦୋଳନର ଗୁରୁପାତ ହେବାକୁ ଯାଉଛି । ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଭାସଙ୍କ, ଛାମୁଣ୍ଡିଆ ଏବଂ ବଡସିଲିଙ୍ଗା ପଂଚାୟତର ପ୍ରତି ଗ୍ରାମର ଶ୍ରୀର୍ଦ୍ଧ ମେମ୍ବର ଏବଂ ଆଂଚଳିକ ବିକାଶ ମଂଚର ନେତୃତ୍ୱକୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଆଗାମୀ ଦିନରେ ଜରାଜିବାକୁ ଥିବା 'ରାସ୍ତାରୋକ' ଆନ୍ଦୋଳନର ରୂପରେଖ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି । ମଂଚ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ଅନୁଯାୟୀ, ଏହି ରାସ୍ତାରୋକ ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି ରହିବ । ଯେ ପର୍ଯ୍ୟନ୍ତ ପ୍ରଶାସନ ତରଫରୁ ରାସ୍ତା ନିର୍ମାଣ ନେଇ ଲୌଖିକ ପ୍ରତିଶ୍ରୁତି ନଦିଆ ଯାଉଛି ସେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ପ୍ରତ୍ୟାହାର କରାଯିବ ନାହିଁ ବୋଲି ବୈଠକରେ ସ୍ଥିର ହୋଇଛି । ଏହି ଦୃଢ଼ତା ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ବିଜେଡି ଯାକ ପଂଚାୟତରୁ ୧୦୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ସାମିଲ ହେବା ପାଇଁ ପ୍ରସ୍ତୁତ ରହିଛନ୍ତି । ଯଦି ପ୍ରଶାସନ ଏହି ଦାବି ପ୍ରତି ତୁରନ୍ତ ଦୃଷ୍ଟି ଦିଏ, ତେବେ ଆଗାମୀ ସମୟରେ ଏହି ରାସ୍ତାରୋକ ଯୋଗୁଁ ଅଂଚଳରେ ଏକ ଭୟାନକ ଓ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବ ବୋଲି ମଂଚ ପକ୍ଷରୁ ଚେତାବନୀ ଦିଆଯାଇଛି ।

ଆଇଟିଡିଏ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ଘରେ ସୁନାର ଖଣି
ପଂଚମ ଲକର୍ ରୁ ୭୦୩ ଗ୍ରାମ୍ ସୁନା ଠାବ

ବାଲିଗୁଡା, ୦୮/୦୬ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସ୍ଥାନିତ ଆଦିବାସୀ ଉନ୍ନୟନ ସଂସ୍ଥାର ସହକାରୀ ନିର୍ବାହୀ ଯନ୍ତ୍ରୀ ବେ ?କୁଣ୍ଡ ନାଥ ବେହେରାଙ୍କ ପଂଚମ ଲକର୍ କୁ ଓଡିଶା ଜିଲିଲାନ୍ସ ଟିମ ସୋମବାର ଖୋଲିଛି । ସେଥିରୁ ୭୦୩ ଗ୍ରାମ୍ ସୁନା ଠାବ ହୋଇଛି । ଏଯାଏ ମୋଟ୍ ୧୨୫୫ ଗ୍ରାମ୍ ସୁନା ମିଳିଛି । ଲୁଚେଇ ଆଉ ଟି ଟି ଏ ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠନାଥ ବେହେରାଙ୍କ ଘରେ ସୁନାର ଖଣି । ବର୍ତ୍ତମାନ ସୁଦ୍ଧା ବାବୁଙ୍କ ଘରୁ ବାହାରିଲାଣି ୧ କେଜିରୁ ଊର୍ଦ୍ଧ୍ୱ ଓଜନର ସୁନା । ବେହେରାଙ୍କ ସରକାରୀ ବାସସ୍ଥାନରେ ତଡ଼ାର କରି ବିଜିନ୍ନ ଗୁରୁତ୍ୱପୂର୍ଣ୍ଣ ଦଲିଲ ଓ କାଗଜପତ୍ର ଜବତ କରିଛି । ଆୟ ବହିର୍ଭୂତ ସମ୍ପତ୍ତି ଠୁକ ମାମଲାରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଆଇଟିଡିଏ ର ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରାଙ୍କୁ ଗିରଫ କରିଛି ଓଡିଶା ଜିଲିଲାନ୍ସ ଟିମ । ବ୍ୟାଙ୍କ ଲକର ଏବଂ ଘରୁ ସମୁଦାୟ ୧.୨୫୫ କିଲୋଗ୍ରାମ ସୁନା ଜବତ କରାଯାଇଛି । ବିପୁଳ ପରିମାଣର ହିସାବ ବିହାନ ସମ୍ପତ୍ତି ଠାବ ହେବା ପରେ ଏବଂ ସନ୍ତୋଷଜନକ ଉତର ଦେବାରେ ବିଫଳ ହେବାରୁ ଗତ ଉଦବିବାର ଦିନ ଓଡ଼ିଶା ଜିଲିଲାନ୍ସ ବିରାଗ ତାଙ୍କୁ ଗିରଫ କରିଥିଲା । ଜିଲିଲାନ୍ସ ସୂତ୍ରରୁ ପ୍ରକାଶ ଯେ, ଶ୍ରୀ ବେହେରାଙ୍କ ନାମରେ ୫ଟି ବହୁମହଲା ବିଶିଷ୍ଟ କୋଠା ରହିଛି, ଯାହାର ମୋଟ ବିଲ୍ଡ-ଅପ୍ ଏରିଆ ୨୦,୦୦୦ ବର୍ଗଫୁଟରୁ ଅଧିକ ହେବ । ଏହା ମଧ୍ୟରୁ କେବଳ ଭୁବନେଶ୍ୱରରେ ୪ଟି ବିଳାସପୂର୍ଣ୍ଣ କୋଠା ରହିଛି । ଏହା ସହିତ ତାଙ୍କର ୧୪ଟି ମୂଲ୍ୟବାନ ପ୍ଲଟ, ୨.୦୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ନଗଦ ଅର୍ଥ ଏବଂ ୪୫ ଲକ୍ଷ ଟଙ୍କାର ବ୍ୟାଙ୍କ ଜମା ଥିବା ଜଣାପଡ଼ିଛି । ତେବେ ସୋମବାର ସୁଦ୍ଧା ତଦନ୍ତ ମଧ୍ୟ ଜାରି ରହିଥିବା ଜିଲିଲାନ୍ସ ସୂତ୍ରରୁ ଦେଇଛି । ତଦନ୍ତ ଶେଷ ପରେ ଆହୁରି ସମ୍ପତ୍ତି ପରିମାଣ ବଢିବ ବୋଲି ଆଶଙ୍କା କରାଯାଉଛି । ଏହି ବହୁଧରଣର ବଢ଼ାରେ ଜିଲିଲାନ୍ସ ପୁଲିସର ୨ ଜଣ ଅତିରିକ୍ତ ଏସ୍‌ପି, ୫ ଜଣ ଡିଏସ୍‌ପି, ୬ ଜଣ ଇନିସପେକ୍ଟର ଏବଂ ଅନ୍ୟ ଜିଲିଲାନ୍ସ ପୁଲିସ ସାମିଲ ଅଛନ୍ତି । ଭୁବନେଶ୍ୱର ସ୍ଥିତ ଜିଲିଲାନ୍ସ ବିଚାରପତିଙ୍କ ନିର୍ଦ୍ଦେଶକ୍ରମେ ବାଲିଗୁଡ଼ା ଆଇଟିଡିଏର ସହକାରୀ ନିର୍ବାହୀ ଯନ୍ତ୍ରୀ ଶ୍ରୀ ବେହେରାଙ୍କ ବିଜିନ୍ନ ଠିକଣାରେ ବଢ଼ାଲ ଜାରୀ ରହିଛି ।

ଜାତୀୟ ପିତା ମାହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସ୍ଥଳ ପାଲଟିଛି ପରିସ୍ରାଗାର

ପାପଡାହାଣ୍ଡି, ୦୮/୦୬ (ଆ.ପ୍ର) : ବ୍ରିଟିଶ କବଳରୁ ପଳାଇବାକୁ ଲାଭକରୁ ସ୍ୱାଧୀନତା ଆଣି ଦେଇଥିବା ଆମର ଜାତୀୟ ପିତା ମହାତ୍ମା ଗାନ୍ଧୀ (ବାପୁଜି)ଙ୍କ ପାପଡାହାଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ଠାରେ ଥିବା ପ୍ରତିମୂର୍ତ୍ତି ପରିସରରେ ବ୍ଲକ କାର୍ଯ୍ୟାଳୟକୁ ବିଜିନ୍ନ କାମରେ ପ୍ରତିଦିନ ଆସୁଥିବା ଲୋକଙ୍କ ପାଇଁ ଏବଂ ବସକୁ ଅପେକ୍ଷା କରି ରହିଥିବା ଲୋକଙ୍କ ପାଇଁ ଏହି ସ୍ଥାନଟି ପରିସ୍ରାଗାର ପାଲଟିଛି ଏବଂ ରାତିରେ ମଦ୍ୟପାଙ୍କ ଆଡ୍ଡା ଜମୁଛି । ପରିବେଶ ଦୂଷଣ ରେ ଫାଟି ପଡୁଛି । ନିକଟରେ ବ୍ଲକ ଲଲୋନୀ ପ୍ରାଥମିକ ବିଦ୍ୟାଳୟ ରହିଛି ଏଠାରେ କୋମଳମତୀ ଶିଶୁ ବାଳବାଳିକାଙ୍କୁ ପଂଚମ

ଦୈନିକ
ଆରମ୍ଭ
SEITHO ARAMBHA
ମଙ୍ଗଳବାର, ୯ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ରାଜ୍ୟସ୍ତରୀୟ କୁଡୁମୀ ମେଧାବୀ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ

ବାରିପଦା, ୦୮/୦୬ (ଆ.ପ୍ର) : କୁଡୁମୀ ଶିକ୍ଷକ ମଂଚ, ଓଡିଶା ତରଫରୁ ରାଜ୍ୟସ୍ତରୀୟ କୁଡୁମୀ ମେଧାବୀ ସମ୍ବର୍ଦ୍ଧନା ସମାରୋହ ଆଜିଠାରୁ ସହିତ ଅନୁଷ୍ଠିତ ହୋଇଯାଇଛି । ବାରିପଦାର ଶହୀଦ ସ୍ମୃତି ଭବନ ପରିସରରେ ଅନୁଷ୍ଠିତ ଉକ୍ତ ମେଧାବୀ ସମ୍ବର୍ଦ୍ଧନା ସମାରୋହକୁ ପୂର୍ବତନ ରାଜ୍ୟସଭା ସଂସଦ ମମତା ମହାନ୍ତ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିବା ସହିତ କୁଡୁମୀ ଛାତ୍ରଛାତ୍ରୀମାନେ ଦିନକୁ ଦିନ ଉଚ୍ଚରୁ ଉଚ୍ଚରୁ ଥିବା କଥା କହିଥିଲେ । ମୁଖ୍ୟବକ୍ତା ଭାବେ ହିନ୍ଦୁସ୍ଥାନ ସମାଚାରର କ୍ୟୁରୋ ଚିଫ୍ ଦୀପକ କୁମାର ମହାନ୍ତ ଯୋଗ ଦେଇ ସ୍ୱାଧିମାନୀ କୁଡୁମୀ ଜାତି ସ୍ୱାଧିକାର ଆନ୍ଦୋଳନଠାରୁ ଆଜି ପର୍ଯ୍ୟନ୍ତ ଦେଖିଆସିଛନ୍ତି । ସମ୍ମାନିତ ଅତିଥି ଭାବେ ବାମନଘାଟୀ ଉପଖଣ୍ଡର ସହକାରୀ ଜିଲ୍ଲାପାଳ ଅନୀତାରାଣୀ ମହାନ୍ତ, କଟକର କ୍ୟାନସର ସ୍ପେସିଆଲିଷ୍ଟ ଡା. ବିଦ୍ୟୋତ୍ମ ମହାନ୍ତ, ବିହାର କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର ପ୍ରଫେସର ଡ. ବିଭାଶ ମହାନ୍ତ, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ବାରିପଦା ମୁଖ୍ୟାଳୟର ମ୍ୟାନେଜର ସାମନ୍ତସିଂହାର ମହାନ୍ତ, ଲେଖକ ତଥା ଶିକ୍ଷାବିତ ପୁରୁଣିବନ୍ଧୁ କ୍ଷେତ୍ରବାସୀ ମହାନ୍ତ ଓ ଆନ୍ତର୍ଜାତୀୟ ମୁଦ୍ରାବିତ ତଥା ପ୍ରବନ୍ଧବିତ୍ତ କବିଚନ୍ଦ୍ର ମହାନ୍ତ ଯୋଗଦେଇ ମାର୍ଗଦର୍ଶନ କରିଥିଲେ । ସଂଗଠନର ରାଜ୍ୟ ସଭାପତି ଶିଉଲାଲ ମହାନ୍ତଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ରାଜକିଶୋର ମହାନ୍ତ ମେଧାବୀ ଛାତ୍ରଛାତ୍ରୀମାନଙ୍କର ଜେଡିୟର କାଉନସେଲିଂ କରିଥିଲେ । ଏହି ଅବସରରେ ଚଳିତ ବର୍ଷର ମାଟ୍ରିକ ଟପ୍ପର ପାର୍ଥସାରଥି ମହାନ୍ତଙ୍କୁ ଶିକ୍ଷାବିତ ଜଟାଧର ମହାନ୍ତ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଏଥି ସହିତ ମାଟ୍ରିକ ସିବିଏସଇ ବୋର୍ଡ ପାଇଁ ମୃତ୍ୟୁଞ୍ଜୟ ମହାନ୍ତ ସ୍ମୃତି ସମ୍ମାନ, +୨ ବିଜ୍ଞାନ ପାଇଁ ମିଳନଦେବୀ ସ୍ମୃତି ସମ୍ମାନ, +୨ କଳା ପାଇଁ ଛୋଳାଚନ୍ଦ୍ର ମହାନ୍ତ ସ୍ମୃତି ସମ୍ମାନ ଓ +୩ ପାଇଁ ଶରତ କୁମାର ମହାନ୍ତ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା । ଶିକ୍ଷକ ବାପି କୁମାର ମହାନ୍ତ ଅତିଥି ମାନଙ୍କୁ ମଂଚକୁ ନିମନ୍ତ୍ରଣ କରିଥିଲାବେଳେ ରାଜ୍ୟ ସଂଯୋଜକ ଗୋବିନ୍ଦ ଚନ୍ଦ୍ର ମହାନ୍ତ ଅତିଥି ପରିଚୟ ପ୍ରଦାନ କରିଥିଲେ । ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ ମାଳପତ୍ର ପାଠ କରିଥିଲେ । ରାଜ୍ୟ ସଂପାଦକ କେଶବ କୃଷ୍ଣ ମହାନ୍ତ ଚାର୍ଷିକ ବିବରଣୀ ପାଠ କରିଥିଲେ । କାର୍ଯ୍ୟକ୍ରମରେ ଷ୍ଟୁମରାଣୀ ବିନ୍ଦୁ ମହାନ୍ତଙ୍କ ଦଳ ନୃତ୍ୟ ପରିବେଷଣ କରିଥିଲେ । ଏହି ଅବସରରେ ୨୬୪ ଜଣ ମେଧାବୀ କୁଡୁମୀ ଛାତ୍ରଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହିତ ୧୦ ଜଣ କୃତୀ ଶିକ୍ଷକମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଚଳିତବର୍ଷ ଓଏଏସ ପାଇଥିବା ସୁଚରିତରେ ସାହୋ କୁମାର ମହାନ୍ତଙ୍କ ପିତା ଦେତାରୀ ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରାରମ୍ଭରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ପ୍ରତୀପ ପ୍ରଜ୍ଜ୍ୱଳନ କରାଯାଇଥିଲା । ଅଳ୍ପଦିନ ତଳେ ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ସଂଗଠନର ପୂର୍ବତନ ରାଜ୍ୟ ସଂପାଦକଙ୍କ ଆତ୍ମାର ସଦଗତି ନିମନ୍ତେ ୧ ମିନିଟ ନୀରବ ପ୍ରର୍ଥନା କରାଯାଇଥିଲା । ଜେଜୁଝର ଜିଲ୍ଲା ସଭାପତି ଝଗେଶ୍ୱର ମହାନ୍ତ, ଅଧ୍ୟାପକ ଯୋଗେଶ୍ୱର ମହାନ୍ତ, ଶିଶିର କୁମାର ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ଅଧ୍ୟାପକ ଭୁବନ ମହାନ୍ତ, ବିଜୟ କୁମାର ମହାନ୍ତ, ବିଶ୍ୱନାଥ ମହାନ୍ତ, ଚାରୁଧର ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ବିଶ୍ୱମ୍ଭର ମହାନ୍ତ ଓ ବାବୁଲି ମହାନ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବରିଷ୍ଠ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

ଠିକାଦାରଙ୍କ ମନମାନୀ, ଅଧପନ୍ତରିଆ ଭାବେ ପଡିଛି ଛାତ୍ରାବାସ କୋଠା

ବଣାଇଁ, ୦୮/୦୬ (ଆ.ପ୍ର) : ବଣାଇଁ ବ୍ଲକ ଅନ୍ତର୍ଗତ କଷ୍ଟଦା ପଂଚାୟତ ଅଧିନସ୍ଥ କଷ୍ଟଦା କୃଷ୍ଣର କଷ୍ଟଦା ସରକାରୀ ଜଳ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସରକାରଙ୍କ ପକ୍ଷରୁ ଛାତ୍ରୀଙ୍କ ପାଇଁ ୧୦୦ ଶଯ୍ୟା ବିଶିଷ୍ଟ ବୃହତ ମହଲା ବିଶିଷ୍ଟ କୋଠା ଘର ସାମାନ୍ୟ ଆରମ୍ଭ ହୋଇ ଅଧପନ୍ତରିଆ ଭାବେ ପଡ଼ିରହିଛି । ଏହାର ଅଗ୍ରଗତି ବିଷୟରେ ଜାଣିବା ପାଖରେ ସୂଚନା ନାହିଁ । ଅନ୍ୟପଟେ କୋଠାର ଖର୍ଚ୍ଚ ବିବରଣୀ ନାମ ଫଳକ ଏଯାଏଁ ହୋଇପାରିନାହିଁ । ଫଳରେ କୋଠାଟି କେତେ ଟଙ୍କାର ଅଟକଳ ତାହା ଜଣାପଡୁ ନାହିଁ । ପୂର୍ବବିଭାଗ ଏହି କାର୍ଯ୍ୟ ସମ୍ପାଦୁଥିବା ବେଳେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଖିରୁ ବ୍ୟୟ ବରାଦ ହୋଇଥିବା ଜଣାପଡିଛି । ବିଦ୍ୟାଳୟର ଏହି କୋଠା ତିଆରି ପାଇଁ ଜମି ଗ୍ରହଣ ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସମସ୍ତଙ୍କରେ କଷ୍ଟଦା ଗ୍ରାମବାସୀ ପୂର୍ଣ୍ଣ ସହଯୋଗ କରିଥିବା ବେଳେ ଠିକାଦାର ଜଣଙ୍କ ଇଚ୍ଛା ମୁତାବକ କାମ କରୁଥିବାରୁ ଏହାର ସମ୍ପୂର୍ଣ୍ଣ ନେତ୍ର ବିଦ୍ୟାଳୟ ଅଭିଭାବିକା ଅଭିଭାବକ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । କୋଠା ପାଇଁ ଆବଶ୍ୟକୀୟ ଉପକରଣ ଯଥା ଇଟା, ବାଲି, ଛତ, ସିମେଂଟ ପାଇଁ ଉଚ୍ଚଶ୍ରେଣୀରେ ପଢୁଥିବା ବେଳେ ସେଠାର ସ୍ଥିତି ମଧ୍ୟ ସମାନ ଧରଣର । ତେବେ ସେହି ଠିକାଦାର ଜଣଙ୍କ ଅଧପନ୍ତରିଆ ଭାବେ ପକାଇ ରଖି ଥିବାରୁ ଏହା କେବେ ଶେଷ ହେବ ଆର ଛାତ୍ର ମାନେ କେବେ ରହିବେ ତାହା ଦେଖିବାକୁ ବାକି ରହିଛି । କଷ୍ଟଦା ବିଦ୍ୟାଳୟ ପ୍ରଥମରୁ ଅଷ୍ଟମ ଶ୍ରେଣୀର ଛାତ୍ରଛାତ୍ରୀ ମୋଟ ୧୪୦ ଜଣ ପାଠ ପଢୁଛନ୍ତି । ବିଦ୍ୟାଳୟରେ ଥିବା ପୁରୁଣା ହଷ୍ଟେଲ ଘରଟି ଜିରାଳର୍ଣ୍ଣ ଅବସ୍ଥାରୁ ଆସିଯାଇଥିବାରୁ ବର୍ତ୍ତମାନ ବର୍ଷ ଛାତ୍ରାବାସରେ କେମିତି ପିଲା ସୁରକ୍ଷିତ ରହିବେ ତାହା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସ୍ଥାନୀୟ ପ୍ରଶାସନ, ଶିକ୍ଷା ବିଭାଗ, କାର୍ଯ୍ୟ ବିଭାଗ ଦୃଷ୍ଟି ଦେବ ଉକ୍ତ ଠିକାଦାରଙ୍କୁ ଚେତାବନୀ ଦେବା ସହ ଅଧପନ୍ତରିଆ ହଷ୍ଟେଲ ଘରକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଦାବିଦ୍ ଲଗେ ଶିକ୍ଷାର କିଡିଭୂମି ସୁଧୁରା ପାଇବ ବୋଲି ଶିକ୍ଷାବିତ ତଥା ଅଂଚଳର ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି ।

ଅସ୍ତରଙ୍ଗରେ ବ୍ଲକସ୍ତରୀୟ ଜିଲ୍ଲାପାଳଙ୍କ ଜନ ଶୁଣାଣି ଜିଲ୍ଲାପାଳ ଓ ଏସ୍ପି ଅନୁପସ୍ଥିତ

ଅସ୍ତରଙ୍ଗ, ୦୮/୦୬ (ଆ.ପ୍ର) : ଆଜି ଅସ୍ତରଙ୍ଗ ବ୍ଲକ ସମ୍ମିଳନୀ ଛତ୍ରରେ ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଅଭିଯୋଗ କରିବାକୁ ଆସିଥିବା ବ୍ୟକ୍ତିବିଶେଷ ବାହାରେ ନିଜର ନାମ ପଞ୍ଜିକରଣ କରି ଅଭିଯୋଗ କରିଥିଲେ । ମାତ୍ର ୩୬ ଟି ଅଭିଯୋଗ ଗ୍ରହଣ ହୋଇଥିଲା ବେଳେ ତାକୁ ତର୍ଜମା କରିବା ସହ ଜଣ ଜଣଙ୍କୁ ବ୍ୟକ୍ତିଗତ ଭାବେ ତାଙ୍କି ଅଭିଯୋଗ ଶୁଣିବା ଓ ଆବଶ୍ୟକ ସ୍ଥଳେ ସମାଧାନ ପାଇଁ ବିଭାଗୀୟ ଉପଯୋଗୀ ଅଧିକାରୀଙ୍କୁ ଏହାକୁ ହସ୍ତାନ୍ତର କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ଅଭିଯୋଗ ଶୁଣାଣି କରିଥିଲେ । ଅଭିଯୋଗ ମଧ୍ୟରେ ଉଚ୍ଚା, ପାନୀୟ ଜଳ ସମସ୍ୟା,ଶିକ୍ଷା, ସ୍ୱାସ୍ଥ୍ୟ, ଉନ୍ନୟନ ମୂଳକ କାର୍ଯ୍ୟ, ଜଳବରଖଣ୍ଡଲ ଉଚ୍ଛେଦ ପ୍ରକ୍ରିୟାରେ ବିଳମ୍ବ , ଅବକାରୀ, ମିଶନ ଶକ୍ତି,ସଶକ୍ତିକରଣ ମହିମା ଶିଶୁ ବିକାଶ, ଜଳସେଚନ ବିଭାଗ ବିପର୍ଯ୍ୟସ୍ତ ବିଦ୍ୟୁତ୍ ସେବା, ପରିବହନ ବିଭାଗ ସମେତ ଅନ୍ୟାନ୍ୟ ସମସ୍ୟାଲୁ ଜିଡିକରି ଲୋକମାନେ ଅଭିଯୋଗ କରିଛନ୍ତି । ଅଭିଯୋଗକାରୀଙ୍କୁ ବ୍ୟକ୍ତିଗତ ଭାବେ ତାଙ୍କି ଅଭିଯୋଗ ପ୍ରକୋଷ୍ଠରେ ଉପସ୍ଥିତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯାଇଥିଲା । ଏଥିସହ ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ କେତେକ ଅଭିଯୋଗକୁ ସମ୍ପୃକ୍ତ ବିଭାଗର ମୁଖ୍ୟ ଅଧିକାରୀଙ୍କୁ ହସ୍ତାନ୍ତର କରାଯାଇଛି । ଏହି ଜନଶୁଣାଣୀ କାର୍ଯ୍ୟକ୍ରମରେ ଅସ୍ତରଙ୍ଗ ପଂଚାୟତ ସମିତି ଅଧକ୍ଷ ଆରତୀ ନାୟକ, ଅସ୍ତରଙ୍ଗ ବିଡ଼ିଓ ସମ୍ବିତା ବେହେରା, ନିମାପଡା ଏସ୍ ଡିପିଓ ଜନାର୍ଦ୍ଦନ ପାଢ଼ୀ, ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଜିଲ୍ଲା ଓ ବ୍ଲକସ୍ତରୀୟ ବିଭାଗର ପଦାଧିକାରୀ ଅଧିକାରୀ ମାନେ ଯୋଗଦେଇଥିଲେ । ସବୁଠାରୁ ବଡ଼କଥା ହେଲା ଅଭିଯୋଗ ଶୁଣାଣି କାର୍ଯ୍ୟ ସକାଳ ୭ଟାରୁ ୧୦ଟା ପର୍ଯ୍ୟନ୍ତ ହୋଇଥିଲା ବେଳେ ଏଥର ଅଭିଯୋଗ ସଂଖ୍ୟା କମିଛି । ସକାଳୁଆ ଅଫିସ୍, ପୁବକ ଗୁଳୁଗୁଳି, ବାରମ୍ବାର ଅଭିଯୋଗ କରି ସମାଧାନ ନହେବା, ଜନଶୁଣାଣୀରେ ଜିଲ୍ଲାପାଳ ଓ ଏସପିଙ୍କ ଅନୁପସ୍ଥିତ ଦେଖି ବହୁ ଲୋକ ଅଭିଯୋଗ କରିବାକୁ ଅନିଚ୍ଛା ପ୍ରକାଶ କରିଥାଆନ୍ତେଣି । ଅଭିଯୋଗ ସମାଧାନ ହେଉ କି ନହେଉ, ଲୋକଙ୍କର ଆଶା ଜିଲ୍ଲାପାଳଙ୍କୁ ଭେଟି ନିଜର ଦୁଃଖ ଜଣାଇବେ ଏକ ପ୍ରକାର ସାନ୍ତ୍ୱନା ମିଳିଚି । କିନ୍ତୁ ଜିଲ୍ଲାପାଳଙ୍କ ଅନୁପସ୍ଥିତ ଦେଖି କେତେକ ଅଭିଯୋଗକାରୀ ମୁହଁ ଫେରାଇବା ଓ ଜନଶୁଣାଣୀ କାର୍ଯ୍ୟକ୍ରମ ଏକ ପ୍ରହସନରେ ପରିଣତ ହୋଇଛି ବୋଲି କେତେକ କହିଛନ୍ତି ।

ଇଣ୍ଡୋନେସିଆର ଯାକର୍ତା ଠାରେ ଜଗତସିଂହପୁର ଝିଅ ଚମକେଇଲେ

ଜଗତସିଂହପୁର, ୦୮/୦୬ (ଆ.ପ୍ର) : ଗତ ମେ ୨୪ରେ ଇଣ୍ଡୋନେସିଆର ଯାକର୍ତା ଠାରେ ଅନୁଷ୍ଠିତ ଇଂଟର ନ୍ୟାସନାଲ ସ୍ପୀଡ୍ ଷ୍ଟେଟିଙ୍ଗରେ ତରଡ଼ାପଡା ନିବାସୀ ଅରୁଣ କୁମାର ବାରିକ ଝିଅ, ଅଭିଜ୍ଞା ପ୍ରିୟଦର୍ଶିନୀ ଟ୍ରୋଫିର ପଦକ ପାଇ ଜିଲ୍ଲାକୁ ଗୌରବ ମଣ୍ଡନ କରିଛନ୍ତି । ଏଥିପାଇଁ ଜିଲ୍ଲାର ପୂର୍ବତନ ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସତ୍ୟବ୍ରତ ମହାପାତ୍ର ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ମାନିତ କରିଛନ୍ତି, ଆହୁରି ମଧ୍ୟ ବିଜେପି ଜିଲ୍ଲା ସଭାପତି ପ୍ରତାପ କୁମାର ମିଶ୍ର, ସାଧାରଣ ସମ୍ପାଦକ ଗଣେଶ ପ୍ରସାଦ ମହାନ୍ତି, ପୌର ଉପାଧ୍ୟକ୍ଷ ରାଜେନ୍ଦ୍ର କୁମାର ବିଶୋଇ, ଜିଲ୍ଲା ବିଜେପିର ବରିଷ୍ଠ କାର୍ଯ୍ୟକର୍ତା ବିଜେତା ଅଭିଷାକୁ ଅଭିନନ୍ଦନ ଜଣାଇବା ସହ ତାଙ୍କର ଭବିଷ୍ୟତ କାମନା କରିଛନ୍ତି ।

ଦାରିଙ୍ଗବାଡିରୁ କର୍ଣ୍ଣାଟକକୁ ଗଞ୍ଜେଇ ଚାଲାଣ ସ୍କୁଟି ସହ ମୋବାଇଲ ଜବତ : ୩ ଗିରଫ

ବାଲିଗୁଡା, ୦୮/୦୬ (ଆ.ପ୍ର) : ଲକ୍ଷମାଳ ଜିଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ଥାନା ଅଂଚଳରୁ କର୍ଣ୍ଣାଟକ ରାଜ୍ୟ ବେଙ୍ଗାଲୁରୁକୁ ଗଞ୍ଜେଇ ଚାଲାଣ କରୁଥିବା ଗୋଟାଏ ଗାଡ଼ି ବସିଲା ଦାରିଙ୍ଗବାଡ଼ି ପୋଲିସ । ୨୩ କେଜି ଗଞ୍ଜେଇକୁ ପୋଲିସ ଜବତ କରିବା ସହ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରି ଲୋର୍ଟ ଚାଲାଣ କରିଛି । ଗିରଫ ୩ ହେଲେ ଉକ୍ତ ଥାନା କାଢ଼ଶପଡାରୀ ଗ୍ରାମର ଦୁର୍ଗା ପ୍ରଧାନ ଏବଂ କର୍ଣ୍ଣାଟକ ରାଜ୍ୟ ବେଙ୍ଗାଲୁରୁର ଯଶବନ୍ତପୁର ଥାନା ଅଂଚଳର ସୈଫ ଅଲି ଖାନ(୩୧)ଏବଂ ମୁଜିର ଅହମ୍ମଦ (୨୭) ବୋଲି ଆଲଆରସି ସଂଗ୍ରାମ କେଶରୀ ଜେନା କହିଛନ୍ତି । ବାହାର ରାଜ୍ୟର ଏହି ୨ ବ୍ୟବସାୟୀଙ୍କୁ ଗ୍ରାମର ଅଂଚଳର ଦୁର୍ଗା ପ୍ରଧାନ ଗଞ୍ଜେଇ ଯୋଗାଇଥିଲେ । ପୋଲିସ ଲୌକିସି ପୂର୍ବରୁ ଖବର ପାଇ କଳମାଳ-ଗାଙ୍ଗାମ ସିମା ବାଲମାଲା ଜିକଟରେ ମାଡ଼ି ବସିଥିଲା । ସେମାନଙ୍କ ଠାରୁ ଗଞ୍ଜେଇ ସମେତ ୨ଟି ମୋବାଇଲ ଓ ଏକ ଜବଦିଆ ଗଙ୍ଗର ସ୍କୁଟି ଜବ୍ତ କରିବା ସହ ଏକ ମାମଲା (୧୫୨/୨୬)ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଥିବା ଆଲଆରସି ଜେନା ପ୍ରକାଶ କରିଛନ୍ତି ।

ଅଟୋ ଚାଳକଙ୍କ ଘରେ ପଶି ଚୋରି କରିବା ଘଟଣାରେ ଅଭିଯୁକ୍ତଙ୍କୁ ତିନି ବର୍ଷ ସଜା

ପାରଳାଖେମୁଣ୍ଡି, ୦୮/୦୬ (ଆ.ପ୍ର) : ଦିନକୁ ଦିନ ସମାଜରେ ଚୋରି ବଢ଼ିବାରେ ଲାଗିଛି । ସେଇଭଳି ଏକ ମାମଲା ଗତବର୍ଷ ନଭେମ୍ବର ମାସରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ରାଣୀପେଣ୍ଠ ସ୍ଥିତ ସିମ୍ପା ନଗରରେ ଘଟିଯାଇଥିଲା; ଯେଉଁ ମାମଲାର ଶୁଣାଣି କରି ଆଜି ପାରଳାଖେମୁଣ୍ଡି ଏସଡ଼ିଜେଏମ୍ ସୁଶ୍ରୀ ଗାୟତ୍ରୀ ମିଶ୍ର ଅଭିଯୁକ୍ତ ସଞ୍ଜୟ ଗଣ୍ଡା ଜଣଙ୍କୁ ନିବାସୀ ମଙ୍ଗଳମ ଚାଂଟି ଓ ଦୋଳବନ୍ଧ ନିବାସୀ ଏନ. ନାଗରାଜୁଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୫ ତଥା ୩୩୧(୩)ରେ ଦୋଷୀ ସାବ୍ୟସ୍ତ କରି ପୃଥକ ପୃଥକ ଭାବେ ତିନି ବର୍ଷର ସଶ୍ରମ କାରାଦଣ୍ଡ ସହ ଏକ ହଜାର ଟଙ୍କାର ଜୋରିମାନାରେ ଅଭିଯୁକ୍ତ ଦ୍ୱୟଙ୍କୁ ଦଣ୍ଡିତ କରିଛନ୍ତି । ସରକାରଙ୍କ ପକ୍ଷରୁ ଏପରି ଲାଞ୍ଜାନାଥ ଦାସ ଏହି ମାମଲାର ସଫଳ ପରିଚାଳନା କରିଥିବା ବେଳେ ଭାରପ୍ରାପ୍ତ କ୍ୟାଡ଼ର ପଟ୍ଟିକ ପ୍ରସିକ୍ୟୁଟର ଭାବେଣ୍ଟ କୁମାର ମିଶ୍ର ଏହି ମାମଲାଟିର ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ପ୍ରତ୍ୟକ୍ଷ ଭାବେ ତଦାରଖ କରୁଥିଲେ । ସୂଚନାଯୋଗ୍ୟ, ଗତବର୍ଷ ନଭେମ୍ବର ୨୦ ତାରିଖ ଦିନ ମଧ୍ୟାହ୍ନ ଦୁଇ ଘଂଟା ସମୟରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅନ୍ତର୍ଗତ ରାଣୀପେଣ୍ଠ ସ୍ଥିତ ସିମ୍ପା ନଗରର ଏଚଲାଲାଡି ଅଗେ ଚାଳକ ଜର୍ଜିମ ସାମାଦ୍ରୀଙ୍କ ଘରେ କେହି ନଥିବାର ସୁଯୋଗ ନେଇ ଉପରୋକ୍ତ ଦୁଇ ଆସାମୀ ଘରର ତାଲା ଭାଙ୍ଗି ଘର ଭିତରେ ପଶି ଚୋରି କରୁଥିଲେ । ଦିବା ପ୍ରାୟ ୨.୩୦ମିନିଟ ସମୟରେ ଯେତେବେଳେ ଏତଲାଲାଡି ଘରକୁ ଆସି ତାଲା ଭଙ୍ଗା ଯାଇଥିବାର ଦେଖିଲେ, ସେତିକିବେଳେ ସେ ପାଟି କରିବାରୁ ଘର ଭିତରୁ ଶବ୍ଦ ଆସିବା ଶୁଣି ବାହାରୁ କବାଟ ବନ୍ଦ କରିଦେଇଥିଲେ ଓ ସାହି ଲୋକ ଜମା ହେବା ପରେ ପୋଲିସକୁ ଖବର ଦେବା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପୂର୍ବକ ସେଠାରେ ପହଂଚି କବାଟ ଖୋଲି ଦେଖିଥିଲେ ଯେ, ଉପରୋକ୍ତ ଦୁଇ ଆସାମୀ ଭିତରେ ରହିଛନ୍ତି ଓ ପରେ ତାଙ୍କ ପାଖରୁ ଚୋରି ଜିନିଷ ଜବତ କରି ତାଙ୍କୁ କୋର୍ଟ ଚାଲାଣ କରିଥିଲେ । ଏହି ମାମଲାକୁ ନେଇ ସେହି ଦିନ ସ୍ଥାନୀୟ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ମାମଲା ନମ୍ବର ୩୬୮ରେ ଏକ ମାମଲା ରୁଜୁ ହୋଇଥିଲା । ପାରଳାଖେମୁଣ୍ଡି ଥାନାର ଏସ.ଆଇ. ଜଗନ୍ନାଥ ପ୍ରଧାନ ଏହି ମାମଲାର ତଦନ୍ତକାରୀ ଅଧିକାରୀ ରହିଥିଲେ । ଆଜି ପ୍ରତ୍ୟକ୍ଷଦର୍ଶୀ, ତଦନ୍ତକାରୀ ଅଧିକାରୀ ତଥା ୫ଜଣ ଅନ୍ୟ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ମାନ୍ୟବର ନ୍ୟାୟାଧୀଶ ଅଭିଯୁକ୍ତ ଦ୍ୱୟଙ୍କୁ ଭାରତୀୟ ନ୍ୟାୟ ସଂହିତାର ଧାରା ୩୦୫ (ଘରେ ପଶି ଚୋରି କରିବା)ରେ ୩ବର୍ଷର ସଜା ଓ ୧ହଜାର ଟଙ୍କାର ଜୋରିମାନା ତଥା ଧାରା ୩୩୧(୩)ରେ ୩ବର୍ଷର ସଜା ଓ ୧ହଜାର ଟଙ୍କା ଜୋରିମାନାରେ ଉକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ପୃଥକ ଭାବେ ଆଉ ୧୫ଦିନ ସଶ୍ରମ କାରାଦଣ୍ଡ ଭୋଗ କରିବେ ବୋଲି ନିର୍ଦ୍ଦେଶ ରଛିଛି । ଅଭିଯୁକ୍ତ ଦ୍ୱୟ ଉପରୋକ୍ତ ଦୁଇ ଦଣ୍ଡ ଏକା ସହ ଭୋଗ କରିବେ ଅର୍ଥାତ ୩ବର୍ଷର ସଜା ହିଁ ଭୋଗ କରିବେ ବୋଲି ବିଚାରପତି ନିଜ ରାୟରେ ଉଲ୍ଲେଖ କରିଛନ୍ତି । ସୂଚନାଯୋଗ୍ୟ, ଏହି ମାମଲାରେ ଦ୍ରୁତ ବିଚାର କରାଯାଇ ମାତ୍ର ସାତ ମାସରେ ଦୋଷୀଙ୍କୁ ଦଣ୍ଡିତ କରାଯାଇଛି ।

ଚେଟ୍ରାହେଡ୍ରନ୍ କଲେଜ ପକ୍ଷରୁ ବିଶାଳ ରକ୍ତଦାନ ଶିବିର,୧୬୭ ୟୁନିଟ ରକ୍ତ ସଂଗ୍ରହ

ତାଙ୍ଗୀ-ଚୌଦ୍ୱାର, ୦୮/୦୬ (ଆ.ପ୍ର) : କଟକ ଜିଲା ତାଙ୍ଗୀ ଚେଟ୍ରାହେଡ୍ରନ୍ ଗ୍ରୁପ ଅଫ ଇନ୍ଷ୍ଟିଚ୍ୟୁସନ୍ସ ପରିସରରେ ଚେଟ୍ରାହେଡ୍ରନ୍ ଏଜୁକେଶ୍ୱ ନାଲ ଟ୍ରଷ୍ଟ ପକ୍ଷରୁ ଏକ ବିଶାଳ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରୁ ମୋଟ ୧୬୭ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା ।ଜିଲ୍ଲା ରେଡକ୍ରସ୍ ସମ୍ପାଦିକା ଡ଼ ସପ୍ତିକା ପଟ୍ଟନାୟକ ପୌରହିତ୍ୟରେ ଆୟୋଜିତ ଶିବିରରେ ଛାତ୍ରଛାତ୍ର ସମେତ ଚେଟ୍ରାହେଡ୍ରନର ସମସ୍ତ କର୍ମଚାରୀ ରକ୍ତଦାନ କରି ନୂତନ ପରିଚୟ ପ୍ରଦାନ କରିଛନ୍ତି ।ସ୍ୱେଚ୍ଛାକୃତ ଭାବେ

ଦୈନିକ
ଆରମ୍ଭ
SEITHO ARAMBHA

ମଙ୍ଗଳବାର, ୯ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ବୋଡ଼େନରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର
୬୩ ଅଭିଯୋଗ ଗ୍ରହଣ, ଧାନ କ୍ରୟରେ ଅନିୟମିତତାକୁ କଡ଼ା ଚେତାବନୀ

ନୂଆପଡ଼ା, ୦୮/୦୬ (ଆ.ପ୍ର) : ନୂଆପଡ଼ା ଜିଲ୍ଲାର ବୋଡ଼େନ ବ୍ଲକ ପରିସରରେ ଆଜି ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ମୋଟ ୬୩ଟି ଅଭିଯୋଗ ଗ୍ରହଣ କରାଯାଇଥିବା ବେଳେ ସେଥିରେ ୫୧ଟି ବ୍ୟକ୍ତିଗତ ଓ ୧୨ଟି ଗୋଷ୍ଠୀଗତ ଅଭିଯୋଗ ରହିଥିଲା । ଶିବିର ଆରମ୍ଭରେ ପୂର୍ବ ଅଭିଯୋଗ ଶୁଣାଣିରେ ପ୍ରାପ୍ତ ଅଭିଯୋଗଗୁଡ଼ିକର ସମାଧାନ ସ୍ଥିତି ସମ୍ପର୍କରେ ଜଣାଯାଇଥିଲା । ବିଚାରାଧୀନ ଅଭିଯୋଗଗୁଡ଼ିକର ଶୀଘ୍ର ନିଷ୍ପତ୍ତି ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗକାରୀଙ୍କ ସମସ୍ୟା ଶୁଣି ତିନିନୁ ମାମଲାର ତ୍ୱରିତ ସମାଧାନ ଲାଗି ଆବଶ୍ୟକ ପଦକ୍ଷେପ ନେବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ରବି ଧାନ କ୍ରୟ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରି ଜିଲ୍ଲାପାଳ କହିଥିଲେ ଯେ, ଚାଷୀଙ୍କ ନାମରେ ଧାନକୁ ସିଧାସଳଖ ମିଲର ସଂଗଠକ ନେତା ଭଳି କୌଣସି ଅନିୟମିତତା ଧରାପଡ଼ିଲେ ସଂପୃକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ । ସରକାରଙ୍କ ନୀତି ଅନୁଯାୟୀ ସମସ୍ତ ଧାନ କ୍ରୟ ବେଳାରେ ଦେଖା ଯେ ଚାଷୀମାନଙ୍କୁ ଆଶ୍ୱସ୍ତ କରିଥିଲେ । ବର୍ଷା ଋତୁକୁ ବର୍ଷାରେ ଉଷ୍ଣ ଧାନ ସୁରକ୍ଷା ପାଇଁ ଖଡ଼ିଆକ ଗୋଦାମ ଆଉଏମସି ଅଧ୍ୟାଦେଶ ପର୍ଯ୍ୟାପ୍ତ ପରିମାଣ ସିଟ୍ ଉପଲବ୍ଧ ଥିବା ସେ ସୂଚନା ଦେଇଥିଲେ । ରାଜ୍ୟ ସରକାରଙ୍କ ନୂଆ ବର୍ଷ ପୂର୍ତ୍ତି ଉତ୍ସବରେ ଆୟୋଜିତ ହେବାକୁ ଥିବା ଜନସାଧାରଣ କାର୍ଯ୍ୟକ୍ରମ ପାଇଁ ସମସ୍ତ ବିଭାଗକୁ ନିଜ ନିଜ କ୍ଷେତ୍ରର ସଫଳତା ଓ ଉପଲବ୍ଧି ସମ୍ବନ୍ଧିତ ଖସଡ଼ା ପ୍ରସ୍ତୁତ କରିବାକୁ ମଧ୍ୟ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଏହି ଅବସରରେ ମନଗୋବନ୍ଦ ମଙ୍ଗରାଜ, ଭୂମିଝାଡ଼ା ମାଝୀ ଓ ଯୁଧିଷ୍ଠିର ମାଝୀଙ୍କୁ ୫ ହଜାର ଟଙ୍କା ଲେଖାଏଁ ଏବଂ ରାଜୁଲ ପଣ୍ଡାଙ୍କୁ ୧୦ ହଜାର ଟଙ୍କା ରେଡ୍‌କ୍ରସ ପାଣ୍ଠିରୁ ସହାୟତା ରାଶିର ଚେକ୍ ପ୍ରଦାନ କରାଯାଇଥିଲା । ସେହିପରି ସ୍ୱଚ୍ଛତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ରାଜୁ ସୁଜାଳୀ, ଟଙ୍କପାଲ ରଣା ଓ ଜୁଡ଼ିବାସ ପଟେଲଙ୍କୁ 'ସ୍ୱଚ୍ଛ ଦୂତ' ପୁରସ୍କାର ପ୍ରଦାନ କରାଯାଇଥିଲା । ଶିବିର ଅବସରରେ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱାସ୍ଥ୍ୟ ଶିବିର ଓ ଆୟୁଷ୍ମାନ ଆରୋଗ୍ୟ ଶିବିର ମଧ୍ୟ ଆୟୋଜିତ ହୋଇଥିଲା । ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନ୍ତିପାଳ ସିଂ, ଜିଲ୍ଲା ପରିଷଦ ସିଇଓ ଉମେଶଦତ୍ତ ଧରୁଆ, ଉପଜିଲ୍ଲାପାଳ ସୁରମୀ ସୋରେନଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ବହୁ ସଂଖ୍ୟକ ଜନସାଧାରଣ ଉପସ୍ଥିତ ଥିଲେ ।

ଗଜପତି ଆରକ୍ଷୀ ଅଧୀକ୍ଷକଙ୍କ ସମୀକ୍ଷା ବୈଠକ

ପାଲଲାଖେମୁଣ୍ଡି, ୦୮/୦୬ (ଆ.ପ୍ର) : ଗଜପତି ଆରକ୍ଷୀ ଅଧୀକ୍ଷକ ପ୍ରଭାତ ସହାୟ ମୀନାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲାର ସମସ୍ତ ପୋଲିସ ଅଧିକାରୀ ଯୋଗଦାନ କରିଥିଲେ । ଜିଲ୍ଲାରେ ଆଇନଶୃଙ୍ଖଳାକୁ ଅଧିକ ସୁଦୃଢ଼ କରିବା ସହ ଅପରାଧ ନିୟନ୍ତ୍ରଣ ଓ ସାଧାରଣ ଲୋକଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବା ଉପରେ ଜୋର୍ ଦେଇଥିଲେ । ଉପସ୍ଥିତ ସମସ୍ତ ପୋଲିସ ଅଧିକାରୀ ମାନଙ୍କୁ ଜନସାଧାରଣଙ୍କ ନିକଟତର ହେବାକୁ ପରାମର୍ଶ ଦେଇଛନ୍ତି । ତିନିନୁ ତଦନ୍ତ ଆଇନ ମାମଲାର ଅଗ୍ରଗତି, ଆଇନଶୃଙ୍ଖଳା ପରିସ୍ଥିତି ଓ ଅପରାଧ ନିୟନ୍ତ୍ରଣ ନେଇ ଆଲୋଚନା କରିଥିଲେ । ଏଥିରେ ଶ୍ରୀ ମୀନା ମାମଲା ଗୁଡିକର

ନିରପେକ୍ଷ, ଗୁଣାତ୍ମକ ଓ ସମୟବଦ୍ଧ ତଦନ୍ତ ଉପରେ ଗୁରୁତ୍ୱାରୋପ କରିଥିଲେ । ତତ୍ ସଙ୍ଗେ ସଙ୍ଗେ ମାମଲାର ତୁରନ୍ତ ସମାଧାନ, ନିର୍ଦ୍ଧାରିତ ସମୟରେ ଅଭିଯୋଗ ପତ୍ର ଦାଖଲ, ଫେରାର ଆସାମୀ ମାନଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅନଲାଇନ ଠକେଇ, ବ୍ୟାଙ୍କ ଜାଲିୟାତି ଓ ସାମାଜିକ ଗଣମାଧ୍ୟମ ଦ୍ୱାରା ହେଉଥିବା ଅପରାଧ ବିରୋଧରେ ଅଧିକ ତତ୍ପରତା ସହ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜନସାଧାରଣଙ୍କ ଠାରେ ସାଇବର ସଚେତନତା ବଢ଼ାଇବାକୁ କହିଥିଲେ । ଏହାଛଡ଼ା ମାଦକଦ୍ରବ୍ୟ ଓ ନିଶାକାରବାରକୁ ନିୟନ୍ତ୍ରଣ କରିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ସୁଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାସହ ଯୁବଗୋଷ୍ଠୀଙ୍କୁ ଏଡିରାଇ ସଚେତନ କରିବାକୁ କହିଥିଲେ ।

ଭଦ୍ରକରେ ସିଏମ୍ ଟ୍ରଫି ଜୋନ୍-୩ ଭଲିବଲ୍ ପ୍ରତିଯୋଗିତା ଉଦ୍‌ଯାପିତ
ଉଭୟ ବାଳିକା ଓ ବାଳକ ବିଭାଗରେ କେନ୍ଦ୍ରାପଡା ବିଜୟୀ

ଭଦ୍ରକ, ୦୮/୦୬ (ଆ.ପ୍ର) : ଭଦ୍ରକ ଜିଲ୍ଲାରେ ଆୟୋଜିତ ସିଏମ୍ ଟ୍ରଫି ଜୋନ୍-୩ ଭଲିବଲ୍ ପ୍ରତିଯୋଗିତା ଜୁନ୍ ୭ ତାରିଖ ସନ୍ଧ୍ୟାରେ ଭଦ୍ରକ କଲେଜ ପଡିଆ ପରେ ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ସମାରୋହରେ ଭଦ୍ରକ ସାଂସଦ ଅରିନମୟ ସେଠା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲାପାଳ ଦିଲୀପ ରାଉତରାୟ ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀ ବେବୁତ୍ତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଜୋନ୍-୩ ଅର୍ଗତ ପାଇନାଲ୍ ପ୍ରତିଯୋଗିତାରେ ବାଳକ ବିଭାଗରେ କେନ୍ଦ୍ରାପଡ଼ା ଦଳ ଯାଜପୁର ଜିଲ୍ଲାକୁ ୨-୦ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ୍ ହୋଇଥିବା ବେଳେ ବାଳିକା ବିଭାଗରେ କେନ୍ଦ୍ରାପଡ଼ା ଦଳ ବାଲେଶ୍ୱରକୁ ୨-୧ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ୍ ହେବାର ଗୌରବ ଅର୍ଜନ କରିଛି । ଉଭୟ ବାଳକ ଓ ବାଳିକା ବିଭାଗର ଚାମ୍ପିୟନ୍ ଦଳକୁ ଟ୍ରଫି ଏବଂ ରନର୍ସ-ଅପ୍ ଦଳକୁ ପଦକ ପ୍ରଦାନ କରାଯାଇଥିଲା । ପ୍ରତିଯୋଗିତାକୁ ସୁରୁଖୁରୁ ଭାବେ ପରିଚାଳନା କରିଥିବା ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲା ଆଥଲେଟିକ୍ ସଂଘ ପକ୍ଷରୁ ଉପହାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ଅତିଥିମାନେ ରାଜ୍ୟ ସରକାରଙ୍କ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଭାବେ ସିଏମ୍ ଟ୍ରଫିର ଭୂମିକାକୁ ପ୍ରଶଂସା କରିବା ସହ ଉପସ୍ଥିତ ସମସ୍ତ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ । ଉଭୟ ଚାମ୍ପିୟନ୍ ଦଳ ବର୍ତ୍ତମାନ ଭୁବନେଶ୍ୱରସ୍ଥିତ କଳିଙ୍ଗ ଷ୍ଟାଡିୟମ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସେମିଫାଇନାଲ୍ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଯାତ୍ରା କରିଛନ୍ତି । ପ୍ରତିଯୋଗିତାର ସଫଳ ଆୟୋଜନରେ ଜିଲ୍ଲା ପୋଲିସ, ସ୍ୱାସ୍ଥ୍ୟ ବିଭାଗ, ପାନୀୟ ଜଳ ବିଭାଗ ଏବଂ ପୌରପାଳିକାର ସହଯୋଗ ପାଇଁ ଅତିଥିମାନେ ଧନ୍ୟବାଦ ଜ୍ଞାପନ କରିଥିଲେ । ପ୍ରତିଯୋଗିତାକୁ ସଫଳ କରିବାରେ ସଂଘର ସମ୍ପାଦକ ଧୀରେନ ପଲେଇଙ୍କ ସମେତ ଉପେନ୍ଦ୍ର ବାରିକ, ଅତିଶ ବେହେରା, ବ୍ରଜକିଶୋର ଜେନା, ରବିନାରାୟଣ ପାଣିଗ୍ରାହୀ, ବୃଷାର ଦାସ, ପାର୍ଥସାରଥୀ ରାୟ, ସୁଦାମ ନାୟକ, ରବିନାରାୟଣ ଓଝା, ମନୋଜ ସାହୁ, ସୋମନାଥ ସାହୁ, କେ.ଶି. ପ୍ରଭାସ, ମହମ୍ମଦ ତାହିର ଖାନ, ନୟନଜ୍ୟୋତି ଖଟୁଆ, ସମ୍ପୀକ ଦାସ, ପ୍ରତୀପ ବିଶ୍ୱାଳ ଏବଂ ଶମ୍ଭୁନାଥ ଜେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ ।

ପଣ୍ଡରାମାଳି ସମାଜର ଶ୍ରୀପାର୍ବତୀ ବିବାହର ପ୍ରସ୍ତୁତି

ଧର୍ମଗଡ଼, ୦୮/୦୬ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା କୁଳାଗଡ଼ ଲଙ୍କେଶ୍ୱରୀ କ୍ଲବ ଠାରେ କଳାହାଣ୍ଡି ପଣ୍ଡରା ମାଳି ସମାଜ ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ୨ ଦିନ ଶୀତଳ ଷଷ୍ଠୀ ଶିବ ପାର୍ବତୀ ବିବାହ ଉତ୍ସବ ପାଳନ କରିବା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ସମାଜର ସମସ୍ତ ୩୬ବର୍ଗର ବନ୍ଧୁ ରାଜ କୁଟୁମ୍ବ ଉକ୍ତ ଉତ୍ସବକୁ ମହା ଆଡମ୍ବରରେ ପାଳନ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ବୈଠକ ରେ ଜିଲ୍ଲା ସଭାପତି ଶଙ୍କର ପୁଝାରୀ, ଜିଲ୍ଲା କୁଳପତି ପ୍ରକାଶ ନାଏକ, ଆଇନ ପରାମର୍ଶ ଦାତା ଦୁର୍ଗା ପ୍ରସାଦ ନାଏକ, ଯୁବ ବାହିନୀ ସଭାପତି ଭବାନୀ ଶଙ୍କର ବଣିଆ, ଲୋକେଶ ନାଏକ, ବିଦୁର ବଣିଆ, ବେଣୁଧର ମଣ୍ଡା, ବେଣୁଧର ଟୋଲଟିଆ, ଲୁପତି ବୋଡ଼େଲ, ଲୋଚନ ନାଏକ, ଖୁସିରାମ ଗୋଲଟିଆ, ଧବଳେଶ୍ୱର ନାଏକ, ସୁବାସ ନାଏକ, ବୁଲୁମୁ ବଣିଆ, ଶ୍ରବଣ ପୁଝାରୀ, ବିଶ୍ୱ ନାଏକ, ରୋହିତ ନାଏକ, ସଜୟ ନାଏକ, ବିମାଧର ପୁଝାରୀ, ସମେତ ଅନେକ କର୍ମ କର୍ତା ଉପସ୍ଥିତ ରହି ବିଶେଷ ଆଲୋଚନା କରିଥିଲେ । ଏ କାର୍ଯ୍ୟ କରିବା ଦ୍ୱାରା ସମାଜରେ ଆଧ୍ୟାତ୍ମିକ ଚିନ୍ତା ଧାରା ବୃଦ୍ଧି କରିବା ସହ ଭାଇଚାରା, ସଦଭାବନା ବାଢ଼ିବ ହେବ ବୋଲି ଆଇନ ପରାମର୍ଶ ଦାତା ଦୁର୍ଗା ପ୍ରସାଦ ନାଏକ କହିଥିଲେ ।

ଖଣ୍ଡପଡ଼ା ବ୍ଲକରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିରରେ ୩୯ଟିର ତୁରନ୍ତ ସମାଧାନ

ଖଣ୍ଡପଡ଼ା, ୦୮/୦୬ (ଆ.ପ୍ର) : ନୟାଗଡ଼ ଜିଲ୍ଲା ପ୍ରଶାସନ ପକ୍ଷରୁ ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଜନଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇ ଯାଇଛି । ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ଉପ ଜିଲ୍ଲାପାଳ ଲର୍ସିଦେବ ସମ୍ବାଦାର, ଜିଲ୍ଲା ଜନ୍ମପାଳ ଅଧିକାରୀ ଲଲ୍ଲିତ ଗାଉଡ, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଖଣ୍ଡ, ନୟାଗଡ଼ ଅତିରିକ୍ତ ଏସପି ସୁଧାଂଶୁ ଚନ୍ଦ୍ର ପଣ୍ଡା, ଖଣ୍ଡପଡ଼ା ଏସଡିପିଓ ସରୋଜ କୁମାର ସାହୁ, ବ୍ଲକ ଜନ୍ମପାଳ ଅଧିକାରୀ ଅଙ୍କୁର ଅଗ୍ରିକାଶ, ତହସିଲଦାର ବିଶ୍ୱଜିତ୍ସିଂହ ତ୍ରିପାଠୀ, ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶୁଭାଶ୍ରୀ ସ୍ୱାଇଁ, ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡ଼.ଅନିଶ୍ମିତା ପଣ୍ଡାଙ୍କ ସମେତ ଗ୍ରାମ୍ୟ ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ, କ୍ଷୁଦ୍ର ଜଳସେଚନ ବିଭାଗ, କୃଷି ଓ ଉଦ୍ୟାନ ବିଭାଗ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଅଧିକାରୀମାନେ ଶିବିରରେ ଉପସ୍ଥିତ ଥିଲେ । ଶିବିରରେ ମୋଟ ୯୮ ଟି ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା । ସେଥି ମଧ୍ୟରୁ ୮୦ ଟି ବ୍ୟକ୍ତିଗତ, ୪ ଟି ଗ୍ରାମ୍ୟ ସମସ୍ୟା, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଓ ସହାୟତା ନିମନ୍ତେ ୧୪ ଟି, ଖାଉଟି କାର୍ଡ ସମସ୍ୟା ସଂପର୍କିତ ୬ ଟି, ପାରିବାରିକ ସମସ୍ୟା ସଂପର୍କିତ ୨ ଟି, ଶ୍ରମିକ କାର୍ଡ, ମନରେଗା କାର୍ଯ୍ୟ ଓ ଏସଆଇସି କାର୍ଡ ସମ୍ବନ୍ଧିତ ଅଭିଯୋଗ ଲେଖାଁଏ ଆବେଦନପତ୍ର ଗ୍ରହଣ କରାଯାଇଥିବା ବ୍ଲକ ପ୍ରଶାସନ ସୂତ୍ରରୁ ଜଣାପଡିଛି । ତିନିନୁ ଅଭିଯୋଗ ମଧ୍ୟରୁ ୩୯ ଟି ଅଭିଯୋଗର ଶୁଣାଣି କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଗୁଡ଼ିକୁ ତୁରନ୍ତ ସମାଧାନ ନିମନ୍ତେ ଜିଲ୍ଲାପାଳ ବିଡିଓ ଓ ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଶିବିର ପରିଚାଳନାରେ ବ୍ଲକର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ ।

ବେଆଇନ ଘରୋଇ ଶିକ୍ଷାନୁଷ୍ଠାନର 'ହଷ୍ଟେଲ' ବ୍ୟବସାୟ

ଦଶପଲ୍ଲା, ୦୮/୦୬ (ଆ.ପ୍ର) : ଦଶପଲ୍ଲା ଅଂଚଳରେ ଏବେ ଛତୁ ପୁଟିଲା ଭଳି ମାଳ ମାଳ ଘରୋଇ କୋଚିଂ ସେଣ୍ଟର ଗଢ଼ି ଉଠିବାରେ ଲାଗିଛି । କିଛି ଦିନ ପୂର୍ବେ କାରପୁରିଜିଆ ଠାରେ ଥିବା ଏକ କୋଚିଂ ସେଂଟରରେ ଅଘଟଣ କୁ ନେଇ ତୃମିତୋଫାନ ସୃଷ୍ଟି ହୋଇଥିଲା । ବାଧ ହୋଇ ପ୍ରଶାସନ ହସ୍ତକ୍ଷେପ କରିବାକୁ ପଡିଥିଲା । ଅନ୍ୟ ପକ୍ଷରେ ଜୋଇସି ବି ଘରୋଇ ଅନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ ବା ଆବାସିକ ସୁବିଧା ରହିପାରିବ ନାହିଁ ବୋଲି ସରକାରୀ ନିୟମ ରହିଛି । କିନ୍ତୁ ପ୍ରଶାସନିକ ଜଟକଳାକୁ ବେଖାତିର କରି ଏହି ଅନୁଷ୍ଠାନଗୁଡ଼ିକ ନିଜ ବ୍ୟାନର ଓ ପୋଷ୍ଟରରେ 'ହଷ୍ଟେଲ ସୁବିଧା ଅଛି' ବୋଲି ଖୋଲାଖୋଲି ପ୍ରଚାର କରୁଛନ୍ତି । ?ଗ୍ରାମାଂଚଳର ସରଳ ଅଭିଭାବକଙ୍କୁ ପ୍ରଲୋଭିତ କରି ମୋଟା ଅଙ୍କର ଅର୍ଥ ଆଦାୟ କରିବା ପାଇଁ ଏଭଳି ବେଆଇନ ବ୍ୟବସାୟ ଚାଲିଥିବା ବେଳେ ସ୍ଥାନୀୟ ଶିକ୍ଷା ବିଭାଗ ଓ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି । ବିନା ଅନୁମତିରେ ଚାଲିଥିବା ଏହି ହଷ୍ଟେଲଗୁଡ଼ିକରେ ପିଲାଙ୍କ ସୁରକ୍ଷା ନେଇ ବଡ଼ ପ୍ରଶ୍ନଚାହୀ ସୃଷ୍ଟି ହୋଇଛି । ଜିଲ୍ଲା ପ୍ରଶାସନ ଓ ବ୍ଲକ ଶିକ୍ଷା ଅଧିକାରୀ ତୁରନ୍ତ ଏସବୁର ତଦନ୍ତ କରି ନିୟମ ଉଲ୍ଲଂଘନକାରୀ ଅନୁଷ୍ଠାନ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

ବକୁଳବନ ଢାଂଚାରେ ବିକାଶ କରାଯିବ, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟକୁ

ତିର୍ତୋଲ,୦୮/୦୬ (ଆ.ପ୍ର) : ଜଗତସିଂହପୁର ଜିଲ୍ଲା ତିର୍ତୋଲ ବ୍ଲକ ଶିକ୍ଷାମଣ୍ଡଳ ଅଧୀନ ଜଗନ୍ନାଥ ସରକାରୀ ଉଚ୍ଚ ବିଦ୍ୟାଳୟ, କୋଇର, ଜୟପୁରରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ର ଗିତି ପ୍ରସ୍ତର ସ୍ଥାପନ ହୋଇଛି । ଏହି ସଭାରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଶିକ୍ଷ ଦକ୍ଷତା ଓ ବୈଷୟିକଶିକ୍ଷା, ଓଡିଶା ଯୋଗଦେଇ ଥିଲେ । ଯେପରି ସତ୍ୟବାଦୀ ଠାରେ ବକୁଳବନ ବିଦ୍ୟାଳୟ ସ୍ଥାପନ କରା ଯାଇଥିଲା ଓ ସେଠାରେ ପିଲାମାନଙ୍କୁ ଯେପରି ସମସ୍ତ ପ୍ରକାର ଶିକ୍ଷାଦାନ କରାଯାଇଥିଲା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଟୁଟିକି ମଧ୍ୟ ଠିକ ସେହିପରି ଢାଂଚାରେ ପ୍ରସ୍ତୁତ କରାଯାଉଛି ବୋଲି ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ସମ୍ପଦ ଚନ୍ଦ୍ର ସ୍ୱାଇଁ ପ୍ରକାଶ କରିଛନ୍ତି । ଏହି ସଭାରେ ସମ୍ମାନିୟ ଅତିଥି ଭାବେ ଶ୍ରୀଯୁକ୍ତ ଗିରିଜା ଶଙ୍କର ମଲ୍ଲିକ, ବିଡିଓ ତିର୍ତୋଲ ଯୋଗ ଦେଇଥିବା ବେଳେ ଏହିସଭାରେ ଜିଲ୍ଲା ଶିକ୍ଷାଧିକାରୀ, କେଶବ ମେହେର ମହୋଦୟ, ତିର୍ତୋଲ ମଣ୍ଡଳ ଶିକ୍ଷାଧିକାରୀ, ସୂର୍ଯ୍ୟ ରଞ୍ଜନ ଦାଶ, ଯୋଗ ଦେଇଥିବା ବେଳେ ଅନ୍ୟମାନ ଅତିଥିଭାବେ, ଶିଶୁଅନନ୍ତ ଆଶ୍ରମ, ଅରିଜୋର ମୁଖ୍ୟ ସେବକ, ଶ୍ରୀକାଶ ଦାସ, ପଂଚସଖା ଶିକ୍ଷାସେବୁ ସଙ୍ଗଠନ ର ସଭାପତି ଯଦୁମଣି ମୁଦୁଲି ଯୋଗଦେଇଥିଲେ । ଏହି ସଭାରେ ସଭାପତିତ୍ୱ କରିଥିଲେ ଉକ୍ତ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରମେଶ ଚନ୍ଦ୍ର ସାମଲ ମହୋଦୟ । ଏହି ସଭାକୁ ଗୁରୁତ୍ୱ ରୂପେ ପରିଚାଳନା କରିଥିଲେ, କମଳ ଲୋଚନ ପଣ୍ଡା, ପ୍ରଣବ କୁମାର ସାହୁ (ଗିରିସିସି), ଜୋତି ରଞ୍ଜନ ମହାନ୍ତି (ଗିରିସିସି),ଚିତରଞ୍ଜନ ଦାସ (ସିଆରସିସି) ପ୍ରମୁଖ ।

ସ୍ୱେଚ୍ଛାସେବୀଙ୍କ ଦ୍ୱାରା ବୁଲା ଗାଈ ବାଛୁରୀଙ୍କ ସେବାଯତ୍ନ

ନିଶ୍ଚିନ୍ତକୋଇଲି, ୦୮/୦୬ (ଆ.ପ୍ର) : ଗତପ୍ରାୟ ୧୦/୧୨ଦିନ ହେବ ସୁକଳପଡ଼ା,ଜଟରପଡ଼ା ଅଞ୍ଚଳର ତାଷ ଦିଲ ଓ ରାଜ୍ୟ ରାଜପଥ ଜଟକ-ଚାନ୍ଦବାଲି ରାସ୍ତାରେ ଶହ ଶହ ସଂଖ୍ୟାରେ ବୁଲା ଗାଈ ବାଛୁରୀମାନେ ଦଳ ଦଳ ହୋଇ ବୁଲୁଛନ୍ତି । ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଓ ଖାଦ୍ୟ ପାନୀୟ ଅଭାବରୁ ସେମାନଙ୍କ ମଧ୍ୟରୁ ଅନେକ ଗାଈ ବାଛୁରୀଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଗାଈ ବାଛୁରୀ ରୋଗାକ୍ରାନ୍ତ ଅଛନ୍ତି । ଏଠାରେ ସୂଚନାଯୋଗ୍ୟ ଗତ କିଛି ଦିନ ପୂର୍ବରୁ ଜଟକ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶରେ ନିଶ୍ଚିନ୍ତକୋଇଲି ଥାନା ପକ୍ଷରୁ ଚଢାଣ କରାଯାଇ ବାହାର ରାଜ୍ୟକୁ ଚାଲାଣ ପାଇଁ ରଖାଯାଇଥିବା ସୁକଳପଡ଼ା ଓ ଅସ୍ତରେଶ୍ୱର ଅଞ୍ଚଳରୁ ୪୭୪ ଗାଈ ଓ ବାଛୁରୀଙ୍କୁ ଉଦ୍ଧାର କରାଯାଇ ସେମାନଙ୍କୁ ବିଭିନ୍ନ ଗୋଶାଳାରେ ଛଡ଼ା ଯାଇଥିଲା । ଏହା ବାଦ୍ ପାଖାପାଖି ୧ହଜାର ଗାଈ ଓ ବାଛୁରୀ ସ୍ଥାନୀୟ ଅଞ୍ଚଳରେ ବୁଲୁଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ଜଟକପଡ଼ା ଅଞ୍ଚଳର କିଛି ଗୋସେବକ ଓ ପଶୁ ପ୍ରେମୀ ମାନେ ରାସ୍ତା



ପ୍ରତିଦିନ
ଆରମ୍ଭ
SEITHO ARAMBHA

ମଙ୍ଗଳବାର, ୯ ଜୁନ୍, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଡେବ୍ୟୁରେ ସୂର୍ଯ୍ୟବଂଶୀଙ୍କ ରେକର୍ଡ ବ୍ରେକିଂ ପ୍ରଦର୍ଶନ

ନୂଆଦିଲ୍ଲୀ, ୮/୬(ନ୍ୟୁ.ଏ): ପଦାର୍ପଣରେ ଚମତ୍କାରିଛନ୍ତି ଟିମ ଇଣ୍ଡିଆର ନୂଆ କାମ କାରୀ ୱିନର ମାନବ ସୂର୍ଯ୍ୟବଂଶୀ । ଆଫଗାନିସ୍ତାନ ବିପକ୍ଷ ଏକମାତ୍ର ଟେଷ୍ଟରେ ଡେବ୍ୟୁ କରିଥିବା ସୂର୍ଯ୍ୟବଂଶୀ ଜମାଇ କରିଛନ୍ତି । ସେ ନିଜ ଡେବ୍ୟୁରେ ରେକର୍ଡ ବ୍ରେକିଂ ପ୍ରଦର୍ଶନ ବଳରେ ସମସ୍ତଙ୍କୁ ଚକିତ କରି ଦେଇଛନ୍ତି । ଆଫଗାନ ବିପକ୍ଷରେ ଦେଖିବାକୁ ମିଳିଛି ତାଙ୍କ ୱିନ ଯାଦୁ । ସେ ମାତ୍ର ୩୩ ରନ ଦେଇ ପ୍ରଥମ ଇନିଂସରେ ହାସଲ କରିଛନ୍ତି ୬ଟି ୱିକେଟ । ଏହି ଦମଦାର ପ୍ରଦର୍ଶନ ଯୋଗୁ ଆଫଗାନିସ୍ତାନ ପ୍ରଥମ ଇନିଂସରେ ମାତ୍ର ୧୫୨ ରନ କରି ଅଲଆଉଟ ହୋଇଛି । ୪୧୩ ରନର ଲିଡ ହାସଲ କରିଥିବା ଭାରତ ଫଲୋଅନ ଦେବାକୁ ଆଫଗାନିସ୍ତାନ ଆଜି ତୃତୀୟ ଦିନର ଲଂଚ ବ୍ରେକ ପୂର୍ବରୁ ନିଜର ଦ୍ୱିତୀୟ ଇନିଂସ ଆରମ୍ଭ କରିଛି । ଡେବ୍ୟୁରେ ସୂର୍ଯ୍ୟ ୬ ୱିକେଟ ହାସଲ କରି ନୂଆ ରେକର୍ଡର ଅଧିକାରୀ ହୋଇଛନ୍ତି । ଟେଷ୍ଟ ଡେବ୍ୟୁରେ ୬ ୱିକେଟ ନେବାରେ ସେ ଦ୍ୱିତୀୟ ଭାରତୀୟ ବନି ଯାଇଛନ୍ତି । ତାଙ୍କ ଉପରେ କେବଳ ନରେନ୍ଦ୍ର ହିରୱାନି ରହିଛନ୍ତି । ୧୯୮୮ରେ ହିରୱାନି ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟରେ ଡେବ୍ୟୁରେ ୮ଟି ୱିକେଟ ନେଇଛନ୍ତି । ଏହି ମ୍ୟାଚର ଉଭୟ ଇନିଂସରେ ସେ ମୋଟ ୧୬ଟି ୱିକେଟ ହାସଲ କରିଥିଲେ । ଭାରତ ପାଇଁ ଡେବ୍ୟୁ ଟେଷ୍ଟରେ ଏତେ ସଂଖ୍ୟକ ୱିକେଟ ଏଯାଏ କେହି ନେଇ ନାହାନ୍ତି । ସୂର୍ଯ୍ୟର ପ୍ରଥମ ଇନିଂସରେ ୬ଟି ୱିକେଟ ନେଇଥିବା ବେଳେ ଏବେ ବି ତାଙ୍କ ପାଖରେ ଦ୍ୱିତୀୟ ଇନିଂସ ରହିଛି । ଯୁବ ୱିନର ସୂର୍ଯ୍ୟବଂଶୀଙ୍କ ୬ଟି ୱିକେଟ ନେଇଥିବା ବେଳେ ବ୍ୟାଟିଂରେ ମଧ୍ୟ ୨୮ ରନ କରିଥିଲେ । ସେ ଅଲରାଉଣ୍ଡ ପ୍ରଦର୍ଶନ କରି ଭାରତୀୟ ଟିମରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି । ରାଜସ୍ଥାନର ଶ୍ରୀ ଗଙ୍ଗାନଗରରେ ଜନ୍ମ ଗ୍ରହଣ କରିଥିବା ସୂର୍ଯ୍ୟର ନିଜ ଟେଷ୍ଟ କ୍ୟାରିୟରରେ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ଆଫଗାନ ବ୍ୟାଟିଂ ଲାଇନ ଅପକୁ ଛିନ୍ନଭିନ୍ନ କରି ଦେଇଛନ୍ତି । ସେ ଆଜି ତୃତୀୟ ଦିନରେ ରହମାନ ଶାହଙ୍କ ୱିକେଟ ନେବା କ୍ଷଣି ପଦାର୍ପଣରେ ୫ ୱିକେଟ ସଫଳତା ହାସଲ କରିଥିଲେ । ଏଥିସହିତ ସେ ସଲାମୀ ଷ୍ଟେଟଙ୍କ ଶିକାର କରିଥିଲେ । ରହମତ ଓ ସେଦିକୁଙ୍କ ସେ ପଲାଇଥିବା ବଳ ହିଁ ତାଙ୍କ ପାଖରେ ଥିବା ନିୟନ୍ତ୍ରଣ ଏବଂ ଧୈର୍ଯ୍ୟର ଉଦାହରଣ । ତେଣୁ ଆଗକୁ ମଧ୍ୟ ସେ ଭାରତୀୟ ଟିମରେ ଉଦ୍ଦିବାର ଯଥେଷ୍ଟ ସମ୍ଭାବନା ରହିଛି ।

ମୁଲାନପୁରରେ ଟିମ୍ ଇଣ୍ଡିଆର ରେକର୍ଡ ବିଜୟ

ନୂଆଦିଲ୍ଲୀ, ୮/୬(ନ୍ୟୁ.ଏ): ଘରୋଇ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ ଚାଲିଥିବା ଏକମାତ୍ର ଟେଷ୍ଟରେ ଭାରତ ଆଧିପତ୍ୟ ଜାରି ରଖି ବିରାଟ ବିଜୟ ହାସଲ କରିଛି । ପଦାର୍ପଣ ମ୍ୟାଚ ଖେଳୁଥିବା ମାନବ ସୂର୍ଯ୍ୟର ଏବଂ ୱାଶିଂଟନ ସୁନ୍ଦରଙ୍କ ଘାତକ ବୋଲିଂରେ ଧରାଶାୟୀ ହୋଇଛି ଆଫଗାନ ଟିମ୍ । ଇନିଂସ ସହ ୩୦୦ ରନର ବଡ଼ ବିଜୟ ହାସଲ କରିଛି ଟିମ୍ ଶୁଭମନ । ଆଫଗାନିସ୍ତାନ ଦ୍ୱିତୀୟ ଇନିଂସରେ ୧୧୨ ରନରେ ଅଲଆଉଟ୍ ହୋଇଯାଇଛି । ପ୍ରଥମ ଇନିଂସରେ ୧୫୨ ରନ୍ କରିଥିବା ଆଫଗାନିସ୍ତାନ । ମୁଲାନପୁର (ନୂଆ ଚଣ୍ଡିଗଢ଼) ସ୍ଥିତ ମହାରାଜା ଯାଦବୀନ୍ଦ୍ର ସିଂହ ଆନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଏକ ଟେଷ୍ଟ ମ୍ୟାଚ୍ ଖେଳାଯାଇଥିଲା । ଏକମାତ୍ର ଟେଷ୍ଟରେ ଭାରତ ବାଜି ମାରି ନେଇଛି । ଏହି ମ୍ୟାଚ୍ ୭ ୱିକେଟ୍ ନେଇ ଡେବ୍ୟୁଟାଣ୍ଟ ମାନବ ସୂର୍ଯ୍ୟର ପ୍ଲେୟାର ଅଫ ଦି ମ୍ୟାଚ୍ ହୋଇଛନ୍ତି । ଏକମାତ୍ର ଟେଷ୍ଟ ମ୍ୟାଚରେ ଭାରତ ଆଫଗାନିସ୍ତାନକୁ ପରାସ୍ତ କରିଛି । ସୋମବାର ମୁଲାନପୁର ଷ୍ଟାଡିୟମରେ ତୃତୀୟ ଦିନରେ ଭାରତୀୟ ଦଳ ଏକ ଇନିଂସ ଏବଂ ୩୦୦ ରନରେ ବିଜୟୀ ହୋଇଛି । ଭାରତ ଟସ୍ ଜିତି ପ୍ରଥମ ଇନିଂସରେ ୮ ୱିକେଟ୍ ହରାଇ ୫୬୪ ରନର ବିଶାଳ ସ୍କୋର କରିଥିଲା । ଏଥିରେ ଅଧିନାୟକ କେ.ଏଲ. ରାହୁଲ ଶତକୀୟ ଇନିଂସ ଖେଳିଛନ୍ତି । ଗିଲ୍ ୧୨୬ ରନ ଇନିଂସ ଖେଳିଥିବା ବେଳେ ରାହୁଲ ଶହେ ରନ କରି ଆଉଟ୍ ହୋଇଥିଲେ । ସେହିପରି ସାଇ ସୁଦର୍ଶନ ଏବଂ ରିଷଭ ପନ୍ତ ୮୧ ଲେଖାଏଁ ରନ କରିଥିଲେ । ୱାଶିଂଟନ ସୁନ୍ଦର ମିଡିଲ୍ ଅର୍ଡରରେ ଆସି ୫୨ ରନ ଅର୍ଦ୍ଧଶତକୀୟ ପାଳି ଖେଳିଲେ । ତାଙ୍କ ସହ ପାର୍ଟନରସିପ୍ କରିଥିଲେ ଡେବୁଟାଣ୍ଟ ମାନବ ସୂର୍ଯ୍ୟ ଏବଂ ମହମ୍ମଦ ସିରାଜ । ମାନବ ସୂର୍ଯ୍ୟ ୨୮ ରନ ଏବଂ ଡିଏସପି ସିରାଜ୍ ୨୨ ରନ କରି ଦଳକୁ ଏକ ମଜବୁତ୍ ସ୍ଥିତିରେ ପହଂଚାଇଥିଲେ । ଫଳରେ ଟିମ୍ ଇଣ୍ଡିଆ ୫୬୪ ରନ ବିଶାଳ ସ୍କୋର ଛିଡ଼ା କରିଥିଲା । ତେବେ ଏହାର ଜବାବରେ ଆଫଗାନିସ୍ତାନ ପ୍ରଥମ ଇନିଂସରେ ୧୫୨ ରନ କରି ଅଲଆଉଟ୍ ହୋଇଥିଲା । ଟିମ୍ ଇଣ୍ଡିଆ ପାଇଁ ଡେବ୍ୟୁଟାଣ୍ଟ ମାନବ ସୂର୍ଯ୍ୟ ଇନିଂସ ଓପନ୍ କରି ସର୍ବାଧିକ ୬ଟି ୱିକେଟ୍ ଅଲିଆଉଟ୍ କରିଥିଲେ । ସେପରେ ଆଫଗାନିସ୍ତାନ ପକ୍ଷରୁ ରହମତ ଶାହ ସର୍ବାଧିକ ୬୦ କରିବାରେ ସକ୍ଷମ ହୋଇଥିଲେ । ରହମତ ଶାହ ଆଉଟ୍ ହେବା ପରେ ଗୋଟିଏ ପରେ ଗୋଟିଏ ଭାଗାଦାର ୱିକେଟ୍ ପଡ଼ି ଅଲଆଉଟ୍ ହୋଇଯାଇଥିବା ଦଳ । ଫଳରେ ଭାରତୀୟ ଦଳ ଆଫଗାନିସ୍ତାନକୁ ୪୧୨ ରନର ଲିଡ୍ ସହିତ ଫଲୋଅନ୍ ଦେଇଥିଲା । ତେବେ ଦ୍ୱିତୀୟ ଇନିଂସ ସେଭଳି କିଛି ଖାସ୍ କରିପାରିନଥିବା ଗ୍ରୁପଣ୍ଡକାରୀ ଦଳ । ଦ୍ୱିତୀୟ ଇନିଂସ ମାତ୍ର ୧୧୨ ରନ କରି ଅଲଆଉଟ୍ ହୋଇଥିଲା । ଓ୍ୱାଶିଂଟନ ସୁନ୍ଦରଙ୍କ ସର୍ବାଧିକ ଚାରୋଟି ୱିକେଟ୍ ମିଳିଥିବା ବେଳେ କୁଲଦୀପ ଯାଦବ ତିନୋଟି, ମାନବ ସୂର୍ଯ୍ୟ ଏବଂ ମହମ୍ମଦ ସିରାଜଙ୍କୁ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା ।

ପୁଣି ମଧ୍ୟପ୍ରାଚ୍ୟରେ ଘମାଘୋଟ ଯୁଦ୍ଧ: ପରସ୍ପରକୁ ମିସାଇଲ ମାଡ଼ କଲେ ଇରାନ ଓ ଇସ୍ରାଏଲ

ନୂଆଦିଲ୍ଲୀ, ୮/୬(ନ୍ୟୁ.ଏ): ପୁଣି ଅଶାନ୍ତ ହୋଇ ଉଠିଛି ମଧ୍ୟପ୍ରାଚ୍ୟ । ପରସ୍ପରକୁ ମିସାଇଲ ମାଡ଼ କରିଛନ୍ତି ଇରାନ ଓ ଇସ୍ରାଏଲ । ତେହରାନର ମିସାଇଲ ଜମାରାର ଜବାବ ଦେବାକୁ ଯାଇ ଆଜି ଇସ୍ରାଏଲ ପକ୍ଷରୁ କେନ୍ଦ୍ରୀୟ ଓ ପଶ୍ଚିମ ଇରାନରେ ଆକ୍ରମଣ କରାଯାଇଛି । ଇରାନ ଓ ଆମେରିକା ମଧ୍ୟରେ ଶାନ୍ତି ପ୍ରତିଷ୍ଠା ପାଇଁ ଉଦ୍ୟମ ଚାଲିଥିବା ବେଳେ ଏପରି ଘଟଣା ପୂରା ସ୍ଥିତିକୁ ବିଗାଡ଼ି ଦେଇଛି । ଇରାନ ରାଣମାଧ୍ୟମ ଅନୁଯାୟୀ, ତେହରାନରେ ୨ଟି ବିସ୍ଫୋରଣ ହୋଇଥିବା ବେଳେ ଇସଫାହାନ, କରାଜ ଓ ତାବ୍ରିଜରେ ଗୋଟିଏ ଲେଖାଏ ବିସ୍ଫୋରଣ ଘଟିଛି । ଏଥିସହେ ଇରାଣ୍ଡର ସେନା ଦାବି କରିଛି ଯେ ସେମାନେ ଇନର ମହଣ୍ଡରରେ ଥିବା ଗୋଟିଏ ପେଟ୍ରୋଲକେମିକାଲ ପ୍ଲାଂଟକୁ ମିସାଇଲ ମାଡ଼ରେ ଧ୍ୱଂସ କରି ଦେଇଛନ୍ତି । ଏହାର ଜବାବରେ ଇରାନର ଲେଖୁଲେଖନାରୀ ଗାର୍ଡ ପକ୍ଷରୁ ନେଗାଟିମ ଓ ତେଲ ନୋପଲେ ଥିବା ଇସ୍ରାଏଲ ଏୟାରବେସକୁ ଟାର୍ଗେଟ କରାଯାଇଛି । ସ୍ଥିତିକୁ ବୁଝିରେ ରଖି ଇରାନ ପକ୍ଷରୁ ଜମାମ ଖୋମେନି ଅନ୍ତର୍ଜାତୀୟ ଏୟାରପୋର୍ଟର ଆଖପାଖ ଅଞ୍ଚଳରେ ଡ୍ରାଇଭାମାନୁ ସିଲ କରିଦିଆଯାଇଛି । ଏଥିଯୋଗୁ ଅନ୍ତର୍ଜାତୀୟ ବିମାନବନ୍ଦରରେ ସେବା ବନ୍ଦ ହୋଇଛି । ଏବେ ଇରାନ ପକ୍ଷରୁ ଗାଜୁରେ ଥିବା ସମସ୍ତ ଆମେରିକୀୟ ଦେଶ୍ ଭିତରେ ହମଲା କରିବାକୁ ଯୋଜନା କରାଯାଇଛି । ଏହାକୁ ନେଇ ମଧ୍ୟପ୍ରାଚ୍ୟ ସ୍ଥିତି ଅସମ୍ଭାଳ ହୋଇଯାଇଛି । ଏପ୍ରିଲ ମାସ ପରେ ଇରାନ ଓ ଇସ୍ରାଏଲ ପରସ୍ପରକୁ ପ୍ରଥମଥର ପାଇଁ ମିସାଇଲ ମାଡ଼ କରିଛନ୍ତି । ଏପ୍ରିଲ ୮ରେ ଆମେରିକା ଯୁଦ୍ଧ ବିରତି ଲାଗୁ କରିବା ପରେ ସ୍ଥିତିରେ ସୁଧାର ଆସିଥିଲା । ହେଲେ ଦିନକ ତଳେ ଇସ୍ରାଏଲ ପକ୍ଷରୁ ବିଟୁଟ ଉପକଣ୍ଠରେ ହମଲା କରାଯାଇଥିଲା । ଆମେରିକାର ଚାପିତ ସତ୍ତ୍ୱେ ଇସ୍ରାଏଲ ଏପରି ପଦକ୍ଷେପ ନେଇଥିଲା । ଇସ୍ରାଏଲ ସେନା ବିଟୁଟରେ ହମଲା କରିବାରୁ ତେଲ ଅଭିବ୍ରକୁ ଟାର୍ଗେଟ କରିଥିଲା ଇରାନ । ତେବେ ଏଥିରେ କୌଣସି କ୍ଷୟକ୍ଷତିର ରିପୋର୍ଟ ଆସି ନଥିଲା । ଇରାନ ରାଡିଆର ମିସାଇଲ ମାଡ଼ କରିଥିବାରୁ ସୋମବାର ଇରାନ୍ଡକୁ ଇସ୍ରାଏଲ ଏୟାର ଜବାବ ଦେଇଛି । ଫଳରେ ପୁଣି ମଧ୍ୟପ୍ରାଚ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି ।

ମମତାଙ୍କ ଦଳରେ ବିଦ୍ରୋହ: ବିଜେପି ନେତାଙ୍କ ସହ ୧୦ ଟିଏମସି ସାଂସଦଙ୍କ ରୁଦ୍ଧଦ୍ୱାର ବୈଠକ

ନୂଆଦିଲ୍ଲୀ, ୮/୬(ନ୍ୟୁ.ଏ): ମମତା ବାନାର୍ଜୀଙ୍କ ଟିଏମସିରେ ବଡ଼ ବିଦ୍ରୋହ । ବିଧାୟକଙ୍କ ପରେ ଏବେ ବିଡିଙ୍କ ହାତ ଛାଡ଼ିବେ ସାଂସଦ । ହେଙ୍ଗଲ ପରାଜୟ ପରେ ମମତା ଦିଲ୍ଲୀରେ ବିରୋଧୀଙ୍କ ସହାରା ଖୋଜୁଛନ୍ତି । ହେଲେ ତାଙ୍କ ପକ୍ଷରେ ବଳକ ସାଂସଦମାନେ ବିଜେପି ସହ ହାତ ମିଳାଇଛନ୍ତି । ଆଜି ଟିଏମସିର ୧୦ ଜଣ ବିଦ୍ରୋହୀ ବିଧାୟକ ଦିଲ୍ଲୀରେ ବିଜେପି ନେତାମାନଙ୍କ ସହ ରୁଦ୍ଧଦ୍ୱାର ବୈଠକ କରିଛନ୍ତି । ବିଜେପି ନେତା ଲୁସେନ୍ଦ ଯାଦବଙ୍କ ଘରେ ହୋଇଛି ରୁଦ୍ଧଦ୍ୱାର ବୈଠକ । ବିଜେପି ବିରୋଧରେ ଇଣ୍ଡିଆ ବ୍ଲକ ସମ୍ମିଳନ କ୍ଲବରେ ମିଟିଂ କରୁଥିବା ବେଳେ ଏହାରୁ ଗୋଟିଏ କିମି ଦୂରରେ ଥିବା ଯାଦବଙ୍କ ଘରେ ଟିଏମସି ବିଦ୍ରୋହୀମାନେ ମେଳି ରାଜନୀତିକ ପାଣ୍ଡିପାଗକୁ ସରଗରମ କରିଛି । ଟିଏମସି ସାଂସଦ ଶତାବ୍ଦୀ ରୟ, କାକୋଳି ଘୋଷ, ଅଦୁ ଡାହେଦ ଖାନ, ଖଲିଲୁର ରହମାନ, ଅସିତ କୁମାର ମାଲ, ଅରୂପ ଚକ୍ରବର୍ତୀ, କାଳିପଦ ସୋରେନ, ଜଗଦୀଶ ଚନ୍ଦ୍ର ବରମନ, ସୁମନ୍ତ ବାନାର୍ଜୀ ଓ ଶର୍ମିଲା ସରକାର ଦିଲ୍ଲୀରେ ବିଜେପି ନେତାମାନଙ୍କ ସହ କଥା ହୋଇଛନ୍ତି । ଏମାନଙ୍କ ବ୍ୟତୀତ ଟିଏମସି ଓ ରାଜ୍ୟସଭାରୁ ଆଜି ଇସ୍ତଫା ଦେଇଥିବା ସୁଖେନ୍ଦୁ ଶେଖର ରୟ ଓ ବିଦ୍ରୋହୀ ବିଧାୟକ ଅଖୁରଜମାନଙ୍କୁ ମଧ୍ୟ ବିଜେପି ନେତା ଲୁସେନ୍ଦ ଯାଦବଙ୍କ ଘରେ ଦେଖିବାକୁ ମିଳିଛି । ବେଙ୍ଗଲ ପରାଜୟ ପରେ ଅସନ୍ତୁଷ୍ଟ ଥିବା ୨୦ ଜଣ ସାଂସଦମାନଙ୍କ ମଧ୍ୟରୁ ଏହି ୧୦ ଜଣ ରହିଛନ୍ତି । ତେଣୁ ସେମାନେ ବିଜେପି ସହ ମିଶି ନିଜର ସ୍ୱତନ୍ତ୍ର ଗୋଷ୍ଠୀ ଗଠନ କରିବାକୁ ଆଲୋଚନା କରିଥିବା ଜୁହାଯାଉଛି । ଶର୍ମିଲା ଠାକୁର କହିଛନ୍ତି ଯେ "ଆମେ ୨୦ ଜଣ ସାଂସଦଙ୍କୁ ନେଇ ଗୋଟିଏ ସ୍ୱତନ୍ତ୍ର ସାମ୍ବାଦ୍ୟ ଗଠନ କରିଛୁ । ଆମେ ଏନତିଏକୁ ସମର୍ଥନ କରିବୁ । କାକୋଳି ଘୋଷ ଆମର ମୁଖ୍ୟ ସଚେତକ ଓ ଶତାବ୍ଦୀ ରୟ ଆମର ଉପ ନେତା । ଆମେ ଏନେଇ ବାଚସ୍ପତିଙ୍କୁ ଜଣାଇବୁ । ଆମେ ହିଁ ପ୍ରକୃତ ଟିଏମସି ବୋଲି ମାନ୍ୟତା ମାସଲ କରିବୁ ।" ଏହି ଘଟଣା ଟିଏମସିରେ ଥିବା ଅନ୍ତଃକଳହକୁ ସ୍ପଷ୍ଟ କରିଛି । ଏବେ ଯାହା ସ୍ଥିତି ମମତାଙ୍କ ହାତରୁ ଟିଏମସି ଚାଲି ଯିବାର ଆଶଙ୍କା ରହିଛି । କାରଣ ଏବେ ଦଳର ଅନ୍ତଃକଳହକୁ ଦିଲ୍ଲୀରେ ପହଂଚିଛି । ଏହାବାଦ ମମତାଙ୍କ ଦଳର ୨୦ ଜଣ ସାଂସଦ ଝୁଡ଼ବାଗ୍ରାରେ ବେଙ୍ଗଲ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀଙ୍କୁ ଭେଟିଛନ୍ତି । କିଛି ଦିନ ତଳେ ମମତାଙ୍କ ନିଷ୍ପତ୍ତି ବିରୋଧରେ ଯାଇ ନବ ନିର୍ବାଚିତ ୮୦ ଟିଏମସି ବିଧାୟକଙ୍କ ମଧ୍ୟରୁ ୬୧ ଜଣ ଏକାଠି ହୋଇଥିଲେ । ସେମାନେ ମମତାଙ୍କ ଦ୍ୱାରା ବଳିଷ୍ଟକୃତ ଟିଏମସି ବିଧାୟକ ଉଦତ୍ତ ବାନାର୍ଜୀଙ୍କୁ ବିରୋଧୀ ଦଳ ନେତା ଭାବେ ଚୟନ କରିଥିବେ । ଏହାକୁ ନେଇ ହଟଚମଟ ଲାଗି ଥିବା ବେଳେ ଏବେ ସାଂସଦମାନେ ବିଦ୍ରୋହ ଘୋଷଣା କରିଛନ୍ତି । ଦଳର ୨୩ ଜଣ ସାଂସଦ(ଉଭୟ ଲୋକସଭା ଓ ରାଜ୍ୟସଭା) ବିଦ୍ରୋହୀ ଟିଏମସି ଗୋଷ୍ଠୀର ଯୋଗାଯୋଗରେ ରହିଥିବା ରିପୋର୍ଟ ପ୍ରକାଶ ପାଇଛି । ଜୁହାଯାଉଛି ଯେ ଟିଏମସିର ବିଧାୟକ ଦଳରେ ଯେମିତି ବିଭାଜନ ଦେଖିବାକୁ ମିଳିଥିବା, ଅନୁରୂପ ଘଟଣା ସଂସଦୀୟ ଦଳରେ ମଧ୍ୟ ଘଟିବ ।

ଫିଲିପାଇନ୍ସରେ ଶକ୍ତିଶାଳୀ ଭୂମିକମ୍ପ: ୩୨ ମୃତ

ମାନିଲା, ୮/୬(ନ୍ୟୁ.ଏ): ଦକ୍ଷିଣ ଫିଲିପାଇନ୍ସର ମିଣ୍ଡାନାଓ ଦ୍ୱୀପ ଉପକୂଳରେ ସ୍ଥାନୀୟ ସମୟ ସୋମବାର ସକାଳ ୭ଟା ୩୭ ମିନିଟ୍‌ରେ ଏକ ଶକ୍ତିଶାଳୀ ଭୂମିକମ୍ପଅନୁଭୂତ ହୋଇଛି । ଏଥିରେ ୩୨ ଜଣଙ୍କର ମୃତ୍ୟୁ ହୋଇସାରିଥିବେବେ ୨୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି । ରିକ୍ଟର ସ୍କେଲରେ ଭୂମିକମ୍ପର ତୀବ୍ରତା ୭.୮ ରହିଥିଲା । ଭୂମିକମ୍ପ ପରେ ଫିଲିପାଇନ୍ସ, ଇଣ୍ଡୋନେସିଆ, ଜାପାନ ଓ ଅଷ୍ଟ୍ରେଲିଆରେ ସୁନାମି ଆଲର୍ଟ ଜାରି କରାଯାଇଥିଲା । କିଛି ଘଂଟା ପରେ ଏହି ଚେତାବନୀ ହଟେଇ ଦିଆଯାଇଥିଲା । ଭୂମିକମ୍ପ ଯୋଗୁଁ ଫିଲିପାଇନ୍ସରେ ବହୁ କୋଠା ଭୂଶୁଣ୍ଡି ପଡ଼ିଥିଲା । ମିଣ୍ଡାନାଓ ଫିଲିପାଇନ୍ସର ଦ୍ୱିତୀୟ ବୃହତମ ଦ୍ୱୀପ, ଏଠାରେ ୨୬ ନିୟୁତ ଲୋକ ବସବାସ କରନ୍ତି । ତେବେ ମୃତକଙ୍କ ଠିକ୍ ସଂଖ୍ୟା ଫିଲିପାଇନ୍ସର ଜାତୀୟ ବିପର୍ଯ୍ୟୟ ଏଜେନ୍ସି ଆଗାମୀ ଦିନରେ ପ୍ରକାଶ କରିବେ ବୋଲି କୁହାଯାଇଛି । ଉପକୂଳବର୍ତ୍ତୀ ପ୍ରଦେଶ ସାରଙ୍ଗାନିରେ ୧୬ ଜଣଙ୍କର ମୃତ୍ୟୁ ହୋଇଥିବା ସ୍ଥାନୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ଭୂମିକମ୍ପ ପରେ ଆସିଥିବା ଝଟ୍‌କା ଯୋଗୁ ବୁଲେଟନ ସ୍ଟି ଲୋକଙ୍କ ଜବାନ ଯାଇଥିଲା । ଭୂମିକମ୍ପ ଯୋଗୁ ଜେନେରାଲ ସାଣ୍ଟୋସ୍ ସହର ଅଧିକ କ୍ଷତିଗ୍ରସ୍ତ ହୋଇଛି । ଏହି ବନ୍ଦର ସହରରେ ୭ ଲକ୍ଷରୁ ଅଧିକ ଲୋକ ବସବାସ କରୁଥିବାବେଳେ ଏଠାରେ ୧୦ ଜଣ ଲୋକଙ୍କ ମୃତ୍ୟୁ ହୋଇଛି । ୨୨ ଜଣ ଲୋକ ନିଖୋଜ ଅଛନ୍ତି । ଭୂମିକମ୍ପ ପରବର୍ତୀ ସମୟରେ ୧୩୦ରୁ ଅଧିକ ଝଟ୍‌କା ରେକର୍ଡ କରାଯାଇଥିଲା, ଯାହାର ତୀବ୍ରତା ୧.୩ ରୁ ୬.୭ ପର୍ଯ୍ୟନ୍ତ ଥିଲା । ଫିଲିପାଇନ୍ସ ରାଷ୍ଟ୍ରପତି ଫର୍ଡିନାଣ୍ଡ ମାର୍କୋସ୍ ଭୂମିଧସ ଭୂମିକମ୍ପ ପ୍ରଭାବିତ ଅଂଚଳରେ ସ୍କୁଲ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ଷ୍ଟେଟ୍ ବ୍ୟାଙ୍କ ଦେଲା ୮୮୧୩ କୋଟି ଲାଭାଂଶ

ନୂଆଦିଲ୍ଲୀ: ଭାରତୀୟ ଷ୍ଟେଟ୍ ବ୍ୟାଙ୍କେନ୍ଦ୍ର ସରକାରଙ୍କୁ ୮୮୧୩ କୋଟି ଟଙ୍କାର ଲାଭାଂଶ ଦେଇଛି । ୨୦୨୫-୨୬ ଆର୍ଥିକ ବର୍ଷ ବାବଦର ଏହି ଚେକ୍‌କୁ ବ୍ୟାଙ୍କର ଅଧ୍ୟକ୍ଷ ସି ଏସ୍ ସେଟ୍ଟି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ହସ୍ତାନ୍ତର କରିଛନ୍ତି । ଷ୍ଟେଟ୍‌ବ୍ୟାଙ୍କରେ ଭାରତ ସରକାରଙ୍କ ୫୫ ପ୍ରତିଶତ ଅଂଶଧନ ରହିଛି । ଆଲୋଚ୍ୟ ଆର୍ଥିକ ବର୍ଷରେ ବ୍ୟାଙ୍କ ୮୦,୦୩୨ କୋଟି ଟଙ୍କାର ଲାଭ କରିଥିଲା ଯାହା ୧୨.୮୮ ପ୍ରତିଶତ ଅଧିକ । ବ୍ୟାଙ୍କର ପରିଚାଳନା ଲାଭ ୧୧,୨୫ ପ୍ରତିଶତ ବୃଦ୍ଧି ପାଇ ୧,୨୩,୦୧୫ କୋଟି ଟଙ୍କା ହୋଇଥିଲା ।

୨୪ଜଣ ଭାରତୀୟ ନାବିକ ଥିବା ଜାହାଜରେ ଲାଗିଲା ନିଆଁ

ନୂଆଦିଲ୍ଲୀ, ୮/୬(ନ୍ୟୁ.ଏ): ଓମାନର ମାସିରା ଦ୍ୱୀପ ନିକଟ ସମୁଦ୍ରରେ ଘଟିଛି ବଡ଼ ଅଘଟଣ । ଆମେରିକା ନୌସେନାର ଆକ୍ରମଣ ଯୋଗୁ ଏମ୍‌ଟି ମାଲିଜେଲ୍ଲ ନାମକ ଗୋଟିଏ କାର୍ଗୋଜାହାଜ ଜାହାଜରେ ନିଆଁ ଲାଗିବା ସହ ଏହା ବୁଡ଼ି ଯାଇଛି । ଏହି ଜାହାଜରେ ମୋଟ ୨୪ ଜଣ ଭାରତୀୟ ନାବିକ ରହିଥିଲେ । ଆକ୍ରମଣ ପରେ ସେମାନଙ୍କ ସୁରକ୍ଷାକୁ ନେଇ ଚିନ୍ତା ପ୍ରକାଶ ପାଇଥିଲା । କିନ୍ତୁ ସେମାନେ ସମସ୍ତେ ସୁରକ୍ଷିତ ଥିବା ଜଣାପଡ଼ିଛି । ସୋମବାର ଦିନ ପ୍ରାୟ ୧.୩୦ରେ ଜାହାଜରେ ଅଗ୍ନିକାଣ୍ଡ ଘଟିଥିଲା । ଏହା ପରେ ଜାହାଜର କର୍ମଚାରୀମାନେ ତୁରନ୍ତ ଏସ୍‌ଓଏସ୍ ବା ଜରୁରିକାଳୀନ ବାର୍ତା ପଠାଇଥିଲେ । ଏଥିପରେ ଓମାନ ସମେତ ବିଭିନ୍ନ ସୁରକ୍ଷା ସଂସ୍ଥା ସହଯୋଗ ପାଇଁ ଆଗେଇ ଆସିଥିଲେ । ସେମାନେ ଭାରତୀୟ ନାବିକମାନଙ୍କୁ ସୁରକ୍ଷିତ ଉଦ୍ଧାର କରିଛନ୍ତି । ଏହା ମଧ୍ୟରେ ଅନ୍ୟ ଦେଶର କୌଣସି ସଦସ୍ୟ ରହିଥିଲେ କି ନାହିଁ, ସେକଥା ଏଯାଏ ସ୍ପଷ୍ଟ ହୋଇନି । ଭାରତର ଜାହାଜ ପରିବହନ ମନ୍ତ୍ରାଳୟ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ ଏମ୍‌ଟି ମାଲିଜେଲ୍ଲରେ ଅଗ୍ନିକାଣ୍ଡ ଘଟିଥିବା ସୂଚନା ମିଳିଛି । ସେହି ଜାହାଜରେ ୨୪ ଜଣ ଭାରତୀୟ ନାବିକ ରହିଥିଲେ । ପ୍ରାଥମିକ ରିପୋର୍ଟ ଅନୁସାରେ ସମସ୍ତେ ସୁରକ୍ଷିତ ଅଛନ୍ତି । ବୈଦେଶିକ ବ୍ୟାପାର ମନ୍ତ୍ରାଳୟ, ସ୍ଥାନୀୟ ଦୂତାବାସ, ଭାରତୀୟ ନୌସେନା ଓ ପ୍ରତି